

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୨ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 02 July 2024

Vol.No. 35 ■ No.176 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପିକ୍‌ଅପ୍-ବାଇକ ମୁହାଁମୁହିଁ ଧକ୍କା: ୨ ମୃତ

ନବରଙ୍ଗପୁର, ୦୧/୭ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ଫାଣ୍ଡି ଝାଡ଼କୁସୁମୀ ଛକ ନିକଟରେ ଏକ ପିକଅପ୍ ଭ୍ୟାନ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ପ୍ରସାଦ ଭତରା ଓ ରେବତୀ ଯାନୀ। ପ୍ରସାଦ ଓ ରେବତୀ କୌଣସି କାମରେ ବାଇକରେ ମୈଦଲପୁରରୁ ପାପଡ଼ାହାଣ୍ଡି ଆଡ଼କୁ ଯାଉଥିଲେ। ସେଇ ସମୟରେ ବିପରୀତ ଦିଗରୁ ଆସୁଥିବା ପିକଅପ ଭ୍ୟାନ ସହିତ ସେମାନଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରସାଦଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରେବତୀ ଚିକିତ୍ସାଧୀନ ଅବସ୍ଥାରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଣ ହରାଇଥିଲେ। ପାପଡ଼ାହାଣ୍ଡି ପୁଲିସ ପିକଅପ ଭ୍ୟାନକୁ ଜବତ କରିବା ସହିତ ଡ୍ରାଇଭରକୁ ଓ ହେଲ୍ପରଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି।

## ସୁକିନ୍ଦା ଖଣି ଅଞ୍ଚଳରେ ୧୪୪ ଧାରା ଜାରି

ଯାଜପୁର, ୦୧/୭ (ନି.ପ୍ର): ସୁକିନ୍ଦା ଖଣି ଅଞ୍ଚଳରେ ଆଜିଠୁ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ୧୪୪ ଧାରା ଜାରି ହୋଇଛି। ଯାଜପୁର ଜିଲ୍ଲା ପ୍ରଶାସନ ଏହି ୧୪୪ ଧାରା ଜାରି କରାଯାଇଛି। କିନ୍ତୁ ସରକାରୀ କର୍ମଚାରୀ ଓ ଖଣି କର୍ମଚାରୀମାନେ ନିଜ କାର୍ଯ୍ୟରେ ଯୋଗଦେବା ପାଇଁ ଯିବା ଆସିବା କରିପାରିବେ। ଆଜକୁ ୧୫ରୁ ୨୦ ଦିନ ତଳେ ଖଣି ଅଞ୍ଚଳରେ ଦୁଇ ଶ୍ରମିକ ସଙ୍ଗଠନ ମଧ୍ୟରେ ପିଟାମିଟ୍ ହୋଇଥିଲା। ଏଥିରେ ଜଣେ ଆହତ ହୋଇଥିଲା ବେଳେ ଗାଡ଼ି ଭଙ୍ଗାରୁଜା ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ କାଳିଆପାଣି ଥାନା ପୁଲିସ୍ ମାଡ଼ ମାରିଥିବା ଗୋଷ୍ଠୀରୁ ୨ ଜଣଙ୍କୁ ଗିରଫ କରିଥିଲା। ତେବେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ୍ ଖୋଜାଖୋଜି ଜାରି ରଖିଥିଲା।

# ଲୋକଙ୍କ ସମସ୍ୟା ଶୁଣିବା ଓ ସମାଧାନ କରିବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୧/୭ (ନି.ପ୍ର): ଯେଉଁଠି ସରକାର ଲୋକଙ୍କ ସହିତ ଥାଆନ୍ତି, ଲୋକଙ୍କ ସୁଖ ଦୁଃଖ ଶୁଣନ୍ତି, ସେଇଠି ହିଁ ପ୍ରକୃତ ଗଣତନ୍ତ୍ର ଦେଖିବାକୁ ମିଳିଥାଏ। ପୂର୍ବ ସରକାରଙ୍କ ସମୟରେ ଜନତା ଓ ସରକାରଙ୍କ ମଧ୍ୟରେ ଏକ ଲୌହ ପ୍ରାଚୀର ଥିଲା। ସେ ପ୍ରାଚୀର ଆଜି ଦୂର ହୋଇଛି। ଲୋକ ଓ ସରକାରଙ୍କ ମଧ୍ୟରେ ସିଧା ସଳଖ ସମ୍ପର୍କ ପ୍ରତିଷ୍ଠା ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସାଧାରଣ ଜନତାଙ୍କ ଗୁହାରି ଶୁଣିବା ଅବସରରେ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଗଣତନ୍ତ୍ରରେ ଲୋକଙ୍କ କଥା ଶୁଣିବା ଓ ସମାଧାନ ପାଇଁ ଚେଷ୍ଟା କରିବା ଏକ ପ୍ରାଥମିକତା। ଏଇ କଥାକୁ ଗୁରୁତ୍ୱ ଦେଇ ଆଜି ଠାରୁ ଜିଲ୍ଲା ସ୍ତରରେ ମଧ୍ୟ ଶୁଣାଣୀ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାକୁ ଆଗକୁ ଆହୁରି ସୁଦୃଢ଼ କରାଯିବ। ମୋ ସହିତ ଉପ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମଧ୍ୟ



ଏଥିରେ ସହଯୋଗ କରିଛନ୍ତି। ଏହା ଜାରି ରହିଲେ ଜିଲ୍ଲା ସ୍ତରରେ ଅଧିକାରୀମାନେ ଗୁରୁତ୍ୱ ଦେଇ ଲୋକଙ୍କ ସମସ୍ୟାର ସମାଧାନ କରିବେ। ଜିଲ୍ଲା ସ୍ତରରେ ଲୋକଙ୍କ ସମସ୍ୟାର ସମାଧାନ ହୋଇ ପାରିଲେ ରାଜ୍ୟ ସ୍ତରରେ ଅଭିଯୋଗ କମ ରହିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଆଜିର ଶୁଣାଣିରେ ପ୍ରାୟ ୯୯ ପ୍ରତିଶତ ଅଭିଯୋଗର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଜୁଲାଇ ମାସର ପ୍ରଥମ ଦିନ, ପ୍ରଥମ ସୋମବାରରେ ଭୁବନେଶ୍ୱର ୟୁନିଟ ୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣି ସମାଧାନର ରାସ୍ତା ଖୋଲିଛନ୍ତି। ଲୋକଙ୍କ ଅଭିଯୋଗ ମୁଖ୍ୟମନ୍ତ୍ରୀ ଶୁଣୁ ଥାଆନ୍ତି, ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଉଥାନ୍ତି ଓ ତୁରନ୍ତ ହେଉଥାଏ ସମାଧାନ। ସମସ୍ତେ ଖୁସିରେ ଫେରୁଥାନ୍ତି। ସମସ୍ତଙ୍କ ଆଖିରେ ଥିଲା ସରକାରଙ୍କ ଉପରେ ବିଶ୍ୱାସ ଓ ଭରସାର ଝଲକ୍। ସେଇ ବିଶ୍ୱାସ ଓ ଭରସାର ରୂପ ହେଉଛି ଗଣତନ୍ତ୍ର। ପ୍ରାୟ ଏକ ହଜାରରୁ ଅଧିକ ଲୋକ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କ ସମସ୍ୟା କହିଥିଲେ। ଗଭୀର ମନଯୋଗରେ ସମସ୍ତଙ୍କ ସମସ୍ୟା ଶୁଣି ମୁଖ୍ୟମନ୍ତ୍ରୀ, ଅଧିକାରୀମାନଙ୍କୁ ▶▶ପୃଷ୍ଠା ୭

## ଟ୍ରାଇର ନୂଆ ନିୟମ ଲାଗୁ: ଆଉ ସହଜ ହେବନି ସିମ୍ କାର୍ଡ ପରିବର୍ତ୍ତନ



ନୂଆଦିଲ୍ଲୀ, ୦୧/୭ : ଆଜିଠୁ ବଦଳିଲା ସିମ୍ କାର୍ଡ ନିୟମ। ଆଉ ସହଜ ହେବନି ସିମ୍ କାର୍ଡ ପରିବର୍ତ୍ତନ। ମୋବାଇଲ ବ୍ୟବହାରକାରୀଙ୍କ ପାଇଁ ଲାଗୁ ହୋଇଛି ଞ୍ଜଜଇଓର ନୂଆ ନିୟମ। ଟ୍ରାଇର ନିଷ୍ପତ୍ତି ଅନୁସାରେ ଏବେ ଆଉ ସହଜ ହେବନି ସମାନ ନମ୍ବର ଥାଇ ସେବା ପ୍ରଦାନକାରୀ କମ୍ପାନୀ ବଦଳାଇବା। ଏଥିପାଇଁ ଆପଣଙ୍କୁ ଆବଶ୍ୟକ ପ୍ରମାଣପତ୍ର, ଓଟିପି ଦେବାକୁ ପଡ଼ିବ। ଏହା ପରେ ଏହାର ଭେରିଫିକେସନ ପାଇଁ ବି ଅପେକ୍ଷା କରିବାକୁ ପଡ଼ିବ। ଭେରିଫିକେସନ ପରେ ହିଁ ଆପଣଙ୍କୁ ପୁରୁଣା ନମ୍ବରରେ ନୂଆ କମ୍ପାନୀର ସିମ୍ ଉପଲବ୍ଧ ହେବ। ଏଥିପାଇଁ ଲାଗିବ ସାତ ଦିନର ସମୟ। ପୂର୍ବରୁ ଜଣେ ୟୁଜର୍ସଙ୍କୁ ପୁରୁଣା ନମ୍ବର ରଖି ନୂଆ ସିମ୍ ନେବାକୁ ଗଘଚ କରିବାକୁ ହେଲେ ସାମାନ୍ୟ ପ୍ରକ୍ରିୟାର ସାମ୍ନା କରିବାକୁ ପଡୁଥିଲା। ନୂଆ ନିୟମ ଅନୁସାରେ କିନ୍ତୁ ତାହା ଏତେଟା ସହଜ ହେବନି। ସିମ୍ ଫ୍ରଡ୍, ଜାଲିଆତି, ୟୁଜର୍ସଙ୍କ ଡାଟା ସୁରକ୍ଷା ପାଇଁ ହିଁ ଏହି ନୂଆ ନିୟମ ଆପଣାଉଥିବା ଦାବି କରୁଛି ଟ୍ରାଇ। ସେପଟେ ଅନେକଙ୍କ କହିବା କଥା, ଜରୁରୀକାଳୀନ ସ୍ଥିତିରେ ଯେଉଁ ଗ୍ରାହକ ସିମ୍ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ସେମାନେ ଏହି ନୂଆ ନିୟମରେ ହୁଏତ ଅସୁବିଧାର ସାମ୍ନା କରିପାରନ୍ତି।

## ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ବିଷାକ୍ତ ଗ୍ୟାସ ଲିକ୍: ୮ ଗୁରୁତର

ରାଉରକେଲା, ୦୧/୭ (ନି.ପ୍ର): ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ୫ନଂ ବ୍ଲାଷ୍ଟ ଫର୍ଣ୍ଣେସରେ ଅଘଟଣ ଘଟିଛି। ପ୍ଲାଣ୍ଟରେ ବିଷାକ୍ତ ଗ୍ୟାସ ଲିକ୍ ହେବା ଯୋଗୁ ୮ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତର ଶ୍ରମିକଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତେ ଆଇସିୟୁରେ ଥିବା ଜଣାଯାଇଛି। ଶ୍ରମିକମାନେ କାମ କରୁଥିବା ସମୟରେ ଷ୍ଟିଲ୍ ପ୍ଲାଣ୍ଟର



୫ନଂ ବ୍ଲାଷ୍ଟ ଫର୍ଣ୍ଣେସରେ ବିଷାକ୍ତ କାର୍ବନ ମନୋକ୍ସାଇଡ୍ ଗ୍ୟାସ୍ ଲିକ୍ ହୋଇଥିଲା। ବିଷାକ୍ତ ଗ୍ୟାସରେ ଶ୍ୱାସ ରୁଦ୍ଧ ହୋଇ ୮ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଗ୍ୟାସ ଲିକ୍ ଘଟଣା ପ୍ରଥମ ନୁହେଁ। ବାରମ୍ବାର ଷ୍ଟିଲ୍ ପ୍ଲାଣ୍ଟରେ ଗ୍ୟାସ ଲିକ୍ ହୋଇ ଅନେକ ଶ୍ରମିକ ଗୁରୁତର ଆହତ ହୋଇଥିବା ବେଳେ କେତେ ଜଣ ଶ୍ରମିକଙ୍କ ଜୀବନ ଯାଇଛି। ଏହାସତ୍ତ୍ୱେ ବି ପ୍ଲାଣ୍ଟ କର୍ତ୍ତୃପକ୍ଷ ଶ୍ରମିକଙ୍କ ନିରାପତ୍ତା ନେଇ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ତେବେ ଆଜି ଏହି ଅଘଟଣ ପରେ ପ୍ଲାଣ୍ଟ କର୍ତ୍ତୃପକ୍ଷ ପ୍ରତିକ୍ରିୟା ରଖି ନାହାନ୍ତି।

## ମନଇଚ୍ଛା କାଟି ପାରିବେନି ତାଳ ଗଛ: ନେବାକୁ ପଡ଼ିବ ଅନୁମତି

ଭୁବନେଶ୍ୱର, ୦୧/୭ (ନି.ପ୍ର): ଏଣିକି ଆଉ ମନଇଚ୍ଛା କାଟି ପାରିବେନି ତାଳ ଗଛ। ତାଳ ଗଛ କାଟିବାକୁ ହେଲେ ବନ ବିଭାଗଠୁ ନେବାକୁ ପଡ଼ିବ ଅନୁମତି। ଏମିତିକି ନିଜ ବାଡ଼ିରେ ଥିବା ତାଳ ଗଛ କାଟିବାକୁ ବି ନେବାକୁ ପଡ଼ିବ ଅନୁମତି। ମନଇଚ୍ଛା ତାଳ ଗଛ କାଟିଲେ ହେବ କାର୍ଯ୍ୟାନୁଷ୍ଠାନ। ରାଜ୍ୟରେ ବଢୁଥିବା ବଜ୍ରପାତ ଜନିତ ମୃତ୍ୟୁକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇଛି ବନ ବିଭାଗ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଦେବୀଦତ୍ତ ବିଶ୍ୱାଳ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ତାଳ ଗଛ କାଟିବା ପାଇଁ ପୂର୍ବରୁ ଅନୁମତି ନେବାକୁ ପଡୁଥିଲା। କିନ୍ତୁ ପରେ ସେଥିରେ ସଂଶୋଧନ କରାଯାଇଥିଲା। ତାଳ ଗଛ କାଟିବାକୁ ଆଉ ଅନୁମତି ନେବାକୁ ପଡୁ ନଥିଲା। ଫଳରେ



ରାସ୍ତାକଡ଼ରେ ଥିବା ତାଳ ଗଛ ସବୁ କଟା ହୋଇଗଲା। ତେଣୁ ତାଳ ଗଛ କାଟିବା ପାଇଁ ଅନୁମତି ନେବା ନିୟମକୁ ପୁଣି ଥରେ ଲାଗୁ କରାଯାଇଛି। ନିଜ ବାଡ଼ିରେ ଶାଗୁଆନ, ଶାଳ ଆଦି ଗଛ ଥିଲେ କାଟିବା ପୂର୍ବରୁ ଯେମିତି ବନ ବିଭାଗର ଅନୁମତି ନେବାକୁ ପଡୁଛି, ସେମିତି ତାଳ ଗଛ କାଟିବା ପୂର୍ବରୁ ଅନୁମତି ନେବାକୁ ପଡ଼ିବ। ଏହି ନିୟମ ନମାନିଲେ ଜୋରିମାନାଠାରୁ ଆରମ୍ଭ କରି ଜେଲ୍ ପର୍ଯ୍ୟନ୍ତ ବିଭିନ୍ନ ଦଣ୍ଡ ବିଧାନ ରହିଛି। ସେହିପରି ରାଜ୍ୟରେ ଚଳିତ ବର୍ଷ ବନ ବିଭାଗ ୧୯ ଲକ୍ଷ ତାଳ ଗଛ ଲଗାଇବ। ପିସିସିଏଫ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି, ରାଜ୍ୟର ୫୨ଟି ଡିଭିଜନରେ ▶▶ପୃଷ୍ଠା ୭

# ଏଥର ପୁରୀ ରଥଯାତ୍ରାରେ ଗଣତି ହେବେ ଭକ୍ତ

### ରଥଯାତ୍ରା ପାଇଁ ୯୦ ମାଜିଷ୍ଟ୍ରେଟ୍ ନିଯୁକ୍ତ କଲେ ରାଜ୍ୟ ସରକାର

ପୁରୀ, ୦୧/୭ (ନି.ପ୍ର): ରାଜ୍ୟରେ ସରକାର ବଦଳିବା ପରେ ଗୋଟିଏ ପରେ ଗୋଟିଏ ନୂଆ ପଦକ୍ଷେପ ନେଉଛନ୍ତି। ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୪ ପାଇଁ ସରକାର ଏକ ବଡ଼ ଦାୟିତ୍ୱ ହାତକୁ ନେଇଛନ୍ତି। ମହାପ୍ରଭୁଙ୍କ ଏହି ଦିବ୍ୟ ଓ ଭବ୍ୟ ଯାତ୍ରାରେ ଏଥର କେତେ ଭକ୍ତଙ୍କ ସମାଗମ ହେବ ସେନେଇ ଗଣତି କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜୁଲାଇ ୭ ତାରିଖ ଦିନ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏଥି ପାଇଁ ସରକାର, ପ୍ରଶାସନ ଓ ଶ୍ରୀମନ୍ଦିର ପରିଚାଳନା କମିଟି ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ରଥଯାତ୍ରା ପାଇଁ ବ୍ୟାପକ ପୁଲିସ ଫୋର୍ସ ନିଯୁକ୍ତ ହେବେ। ସେହିପରି ୯୦ ଜଣ



ମାଜିଷ୍ଟ୍ରେଟ୍ ନିଯୁକ୍ତ ହେବେ। ତହସିଲଦାର, ବିଡିଓ, ପୌର ଅଧିକାରୀଙ୍କୁ ମାଜିଷ୍ଟ୍ରେଟ୍ ଦାୟିତ୍ୱ ମିଳିବ। ଶ୍ରୀମତୀ ପରିଡ଼ା କହିଛନ୍ତି, ପୁରୀକୁ ସଂଯୋଗ କରୁଥିବା ତିନିଟି ମୁଖ୍ୟ ମାର୍ଗ (ଭୁବନେଶ୍ୱର-ପୁରୀ, କୋଣାର୍କ-ପୁରୀ ଓ ବ୍ରହ୍ମଗିରି-ପୁରୀ) ରାସ୍ତାରେ ଭକ୍ତଙ୍କ ଗଣତି ପାଇଁ ବ୍ୟବସ୍ଥା କରାଯିବ। ଏହି ତିନି ରାସ୍ତାରେ ଦେଇ ପୁରୀକୁ ଯାଉଥିବା ବସ୍, କାର, ଅଟୋ ଓ ବାଇକକୁ ଆଧାର କରି ଲୋକଙ୍କ ଗଣତି କରାଯିବ। ସେହିପରି ପୁରୀର ହୋଟେଲ, ଲଜ୍, ଧର୍ମଶାଳା, ମଠଗୁଡ଼ିକରେ ମଧ୍ୟ ଗଣତି କରାଯିବ। ପୁରୀକୁ ଟ୍ରେନ୍‌ରେ କେତେ ଭକ୍ତ ଆସିଛନ୍ତି ତାହା ମଧ୍ୟ ହିସାବକୁ ନିଆଯିବ। ସୂଚନାଯୋଗ୍ୟ, ପୁରୀ ରଥଯାତ୍ରାରେ ପ୍ରବଳ ଜନସମାଗମ ହୋଇଥାଏ। ଶ୍ରୀମନ୍ଦର ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯାଏଁ ଲୋକଙ୍କର ଭିଡ଼ ଲାଗି ରହିଥାଏ। କେବଳ ବଡ଼ଦାଣ୍ଡକୁ ବାଦ୍ ଦେଲେ ପୁରୀ ସହରର ଗଳିକନ୍ଦି ଓ ସମୁଦ୍ର କୂଳରେ ମଧ୍ୟ ଲୋକାରଣ୍ୟ ହୋଇଥାଏ।

▶▶ପୃଷ୍ଠା ୭

## ଆଜିଠୁ ଦେଶରେ ବଦଳିଲା ଅପରାଧିକ ଆଇନ: ବ୍ରିଟିଶ ଆଇନ ସ୍ଥାନରେ ୩ ଆଇନ ସଂହିତା ଲାଗୁକୁ ବିରୋଧ କଲେ ବିଭିନ୍ନ ଦଳ

ନୂଆଦିଲ୍ଲୀ, ୦୧/୭ : ଜୁଲାଇ ୧ରୁ ଦେଶରେ ଲାଗୁ ହେଲା ନୂଆ ଅପରାଧିକ ଆଇନ । ଉଚ୍ଛେଦ ହୋଇଛି ୧୮୬୦ ମସିହାରୁ ଚାଲି ଆସୁଥିବା ବ୍ରିଟିଶ ନିୟମ । ଦେଢଶହ ବର୍ଷ ଧରି ଦେଶରେ କାମ କରୁଥିବା ବ୍ରିଟିଶ ଅମଳର ଏହି ପୁଲିସ ଆଇନ ଆଜିଠୁ ଇତିହାସ ପାଲଟିଛି । ଏଣିକି ଦଣ୍ଡ ନୁହେଁ ଜନତାଙ୍କୁ ନ୍ୟାୟ ଦେବା ଉପରେ କାର୍ଯ୍ୟ କରିବ ଦେଶର ନ୍ୟାୟ ବ୍ୟବସ୍ଥା । ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ, ମଧ୍ୟରାତ୍ରୀରୁ ଦେଶରେ ଏହି ୩ଟି ଆଇନ ଲାଗୁ କରାଯାଇଛି । ବ୍ରିଟିଶ



ଅମଳର ୩ଟି ଆଇନ ଭାରତୀୟ ପେନାଲ କୋଡ, କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓର ଏବଂ ଭାରତୀୟ ପ୍ରମାଣ ଆଇନର ସ୍ଥାନ ନେଇଛି ନୂଆ ଆଇନ । ନୂଆ ବ୍ୟବସ୍ଥା ଅନୁସାରେ...

– ଶୁଣାଣି ଶେଷ ହେବାର ୪୫ ଦିନ ଭିତରେ ରାୟ ପ୍ରକାଶ ପାଇବ

– ପ୍ରଥମ ଶୁଣାଣିର ୬୦ ଦିନ ଭିତରେ ଚାର୍ଜଫ୍ରେମ୍ ହେବ

– ଦୁଷ୍କର୍ମ ପୀଡ଼ିତାଙ୍କ ବୟାନ ଅଭିଭାବକଙ୍କ ଉପସ୍ଥିତିରେ ମହିଳା ପୋଲିସ ନେବେ

– ୭ ଦିନ ଭିତରେ ମେଡିକାଲ ରିପୋର୍ଟ ପ୍ରଦାନ କରାଯିବ

▶▶ପୃଷ୍ଠା ୭

## ସଂସଦରେ ରାହୁଲ ଗାନ୍ଧି ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ କଥା କଟାକଟି

ନୂଆଦିଲ୍ଲୀ, ୦୧/୭ : ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସଂସଦରେ କଥା କଟାକଟି ଦେଖିବାକୁ ମିଳିଛି। ଆଜି ଲୋକସଭାରେ ରାହୁଲ ଗାନ୍ଧି ଭାଷଣ ଦେଉଥିବା ବେଳେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଜେପିର ଜୟ ଶ୍ରୀରାମ ନାରାକୁ କାଉଣ୍ଟର କରିବା ପାଇଁ ରାହୁଲ ଗାନ୍ଧି ଆଜି ପୁଣିଥରେ ଜୟ ସମ୍ବିଧାନ ନାରା ଦେଇଛନ୍ତି। ତେବେ ରାହୁଲଙ୍କ ଭାଷଣକୁ ପ୍ରଧାନମନ୍ତ୍ରୀ



ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ହିନ୍ଦୁ ସଂପ୍ରଦାୟ ପ୍ରତି ଅପମାନ ବୋଲି କହି ସମାଲୋଚନା କରିଛନ୍ତି। ଆଜି ରାହୁଲ ଗାନ୍ଧି ଭାଷଣ ବେଳେ ସମ୍ବିଧାନର କପି ଠାରୁ ଆରମ୍ଭ କରି ଭଗବାନ ଶିବ, ପ୍ରଫେଟ ମହମ୍ମଦ ଓ ଗୁରୁ ନାନକଙ୍କ ଛବି ପ୍ରଦର୍ଶିତ କରିଥିଲେ। ବିଜେପି ଓ ଆରଏସଏସକୁ ସେ ସମାଲୋଚନା କରି ସେମାନେ ସମସ୍ତ ହିନ୍ଦୁଙ୍କ ପ୍ରତିନିଧିତ୍ୱ କରନ୍ତି ନାହିଁ ବୋଲି ରାହୁଲ କହିଥିଲେ। ତେବେ ରାହୁଲ ▶▶ପୃଷ୍ଠା ୭

# ସ୍ନାତକୋତ୍ତର ଗଣିତ ଶିକ୍ଷକ ଏବଂ ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ଶିକ୍ଷକ ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବଲାଙ୍ଗୀର , ୦୧/୦୭ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ର ଜୋନ-୬ ର ସ୍ନାତକୋତ୍ତର ଗଣିତ ଶିକ୍ଷକ ଓ ସ୍ନାତକୋତ୍ତର ଦାର୍ଥବିଜ୍ଞାନ ଶିକ୍ଷକ ପଦାର୍ଥ ବିଜ୍ଞାନ ଶିକ୍ଷକମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓଡିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା ,ବଲାଙ୍ଗିର ଠାରେ ବିଦ୍ୟାଳୟର ଅଧକ୍ଷ ତଥା ଜୋନ -୬ ର ଜୋନାଲ କୋ-ଅଡିନେଟର କ୍ଷମାନିଧି ଝାଙ୍କର ଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଜୋନ -୬ ର ୪ ଟି ଜିଲ୍ଲା ବୌଦ୍ଧ, କନ୍ଧମାଳ, ସୋନପୁର, ଏବଂ ବଲାଙ୍ଗିର ର ଆଦର୍ଶ ବିଦ୍ୟାଳୟରୁ ୨୮ ଜଣ ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ଶିକ୍ଷକ ଏବଂ ୨୫ ଜଣ ସ୍ନାତକୋତ୍ତର ଗଣିତ ଶିକ୍ଷକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ର ଅବଧି ୨ ଦିନ ଧରି ଚାଲିଥିଲା ଯାହା ୨୮ ଜୁନ ୨୦୨୪ ଠାରୁ ୨୯ ଜୁନ ୨୦୨୪ ପର୍ଯ୍ୟନ୍ତ ରହିଥିଲା ।ପ୍ରଥମ ଦିନର କାର୍ଯ୍ୟକ୍ରମ ୮ଟାରୁ ପଞ୍ଜିକରଣ ସହ ଆରମ୍ଭ ହୋଇଥିଲା। ଏହି ଉଦଘାଟନୀ ଉତ୍ସବ ରେ ମା ସମଲେଇ ଙ୍କ ଫଟୋଚିତ୍ର ଉପରେ ମାଲ୍ୟାର୍ପଣ ଏବଂ ଦୀ_ଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଥିଲା । ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ଥର ଚେପାର ଅଧକ୍ଷ କ୍ଷମାନିଧି ଝାଙ୍କର ନିଜ ସ୍ୱାଗତ ଭାଷଣ ରେ ଏହି_ଶିକ୍ଷଣ କାର୍ଯ୍ୟକ୍ରମ କୁ ଆସିଥିବା ମାନ୍ୟଗଣ୍ୟବ୍ୟକ୍ତିଙ୍କ ପରିଚୟ ପ୍ରଦାନ କରିଥିଲେ ତଥା କାର୍ଯ୍ୟକ୍ରମ ରେ ସାମିଲ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ପାଇଥିବା ଜ୍ଞାନ ଏବଂ କୌଶଳକୁ ନିଜ ନିଜ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଶିକ୍ଷାକୁ ଉନ୍ନତ କରିବାକୁ ପରାମର୍ଶ ଦେଇଥିଲେ। ପରେ ଭିନ୍ନଭିନ୍ନ କୋଠରୀରେ ଉଭୟ ବିଷୟ ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ସ୍ମାର୍ଟ କ୍ଲାସ-୧ ରେ ଗଣିତ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ପୃଥ୍ୱୀରାଜ ସାହୁ (ସ୍ନାତକୋତ୍ତର ଗଣିତଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ),ଥରଚେପା ୯ :୩୦ରୁ ୧୧:୦୦ ପର୍ଯ୍ୟନ୍ତ 'ପୂର୍ବ ବର୍ଷର ସିବିଏସି ପ୍ରଶ୍ନପତ୍ରର ବିଶ୍ଳେଷଣ' ଉପରେ ଆଲୋଚନା କରିଥିଲେ।ଏକ ଛୋଟ ବିରତି ପରେ, ୧୧:୧୫ରୁ ୧୨:୪୫ ପର୍ଯ୍ୟନ୍ତ ଜିତେନ୍ଦ୍ର ସାହୁ,( ସ୍ନାତକୋତ୍ତର ଗଣିତଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ,ବିବିନା) 'ଏକ ଶିକ୍ଷାବର୍ଷ ମଧ୍ୟରେ ପାଠ୍ୟକ୍ରମର ଯୋଜନା' ଉପରେ ଏକ ଆଲୋଚନା କରିଥିଲେ ।ବିରାମ ଓ ମଧ୍ୟାହ୍ନ ଭୋଜନ ପରେ, ୧:୪୫ରୁ ୩:୦୦ ପର୍ଯ୍ୟନ୍ତ 'ଛାତ୍ରମାନଙ୍କ ମୂଲ୍ୟାୟନ' ବିଷୟରେ ଯଶୋବନ୍ତ ସାହୁ (ଅଧକ୍ଷ , ଓଡ଼ିଶାଆଦର୍ଶ ବିଦ୍ୟାଳୟ,କୁର୍ସୁଡ ) ଆଲୋଚନା କରିଥିଲେ। ଦିନର ଶେଷ ସମୟରେ ୩:୧୫ରୁ ୪:୩୦ ପର୍ଯ୍ୟନ୍ତ ଯଶୋବନ୍ତ ସାହୁ (ଅଧକ୍ଷ , ଓଡ଼ିଶା ଆଦର୍ଶ ବିଦ୍ୟାଳୟ,କୁର୍ସୁଡ ) ଗଣିତ ବିଷୟରେ ଏକ ଶିକ୍ଷକଙ୍କ ଦ୍ୱାରା ଡେମୋ ଶିକ୍ଷାଦାନ କରାଇଥିଲେ । ସମକାଳ ରେ ସ୍ମାର୍ଟ କ୍ଲାସ-୨ରେ ପଦାର୍ଥ ବିଜ୍ଞାନ ଶିକ୍ଷକ ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ୯:୩୦ରୁ ୧୧:୦୦ ପର୍ଯ୍ୟନ୍ତ 'ପୂର୍ବ ବର୍ଷର ସିବିଏସି ପରୀକ୍ଷା ପ୍ରଶ୍ନପତ୍ରର ବିଶ୍ଳେଷଣ' ଉପରେ ଏକ ଆଲୋଚନା ହୋଇଥିଲା। ଅଭିଷେକ ମହାନ୍ତି (ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ଶିକ୍ଷକ, ଓଡିଶା ଆଦର୍ଶ ବିଦ୍ୟାଳୟ, ସୋନପୁର) ଏହାର ନେତୃତ୍ୱ ନେଇଥିଲେ। ୧୧:୧୫ରୁ ୧୨:୪୫ ର୍ଯ୍ୟନ୍ତ 'ଏକ ଶିକ୍ଷାବର୍ଷ ମଧ୍ୟରେ ପାଠ୍ୟକ୍ରମର ଯୋଜନା' ଉପରେ ଆଲୋଚନା ହୋଇଥିଲା। ଏହାର ନେତୃତ୍ୱ କରିଥିଲେ ସଂଜୟ କୁମାର ମିଶ୍ର (ସ୍ନାତକୋତ୍ତର ପଦାର୍ଥବିଜ୍ଞାନ ଶିକ୍ଷକ, ନବୋଦୟ ବିଦ୍ୟାଳୟ ସମ୍ବଲପୁର) ।୧୨:୪୫ରୁ ୧:୪୫ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ପରେ, ୧:୪୫ରୁ ୩:୦୦ ପର୍ଯ୍ୟନ୍ତ 'ଛାତ୍ରମାନଙ୍କ ମୂଲ୍ୟାୟନ' ବିଷୟରେ ଅଭିଷେକ ମହାନ୍ତି (ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ଶିକ୍ଷକ, ଓଡିଶା ଆଦର୍ଶ ବିଦ୍ୟାଳୟ, ସୋନପୁର) ଆଲୋଚନା କରିଥିଲେ। ୩:୧୫ରୁ ୪:୩୦ ପର୍ଯ୍ୟନ୍ତ ସଂଜୟ କୁମାର ମିଶ୍ର (ସ୍ନାତକୋତ୍ତର ପଦାର୍ଥବିଜ୍ଞାନ ଶିକ୍ଷକ, ନବୋଦୟ ବିଦ୍ୟାଳୟ ସମ୍ବଲପୁର) ଜଣେ ଶିକ୍ଷକଙ୍କଦ୍ୱାରା ଭୌତିକ ବିଜ୍ଞାନର ଡେମୋ ଶିକ୍ଷାଦାନ କରାଇଥିଲେ । ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ୯:୩୦ରୁ ୧୧:୦୦ ପର୍ଯ୍ୟନ୍ତ 'ଗୋପବନ୍ଧୁ ମେହେ(, ସ୍ନାତକୋତ୍ତର ପଦାର୍ଥବିଜ୍ଞାନ ଶିକ୍ଷକ, ଆଦର୍ଶ ବିଦ୍ୟାଳୟ , ପଥର ଚେପା) ଓ ଜିତେନ୍ଦ୍ର ସାହୁ (ସ୍ନାତକୋତ୍ତର ଗଣିତ ଶିକ୍ଷକ , ଆଦର୍ଶ ବିଦ୍ୟାଳୟ, ବିବିନା) କ୍ରିୟାକଳା/ ପ୍ରାକ୍ଟିକାଲର 'ଉପରେ ଆଲୋଚନା କରିଥିଲେ। ୧୧:୧୫ରୁ ୧୨:୪୫ ପର୍ଯ୍ୟନ୍ତ 'ନିମ୍ନ କାର୍ଯ୍ୟକ୍ଷମ ଛାତ୍ର ମାନଙ୍କ ସ୍ତରବୃଦ୍ଧି' ଉପରେ ମିଷ୍ଟର ସଂଜୟ କୁମାର. ମିଶ୍ର ଓ ଯଶୋବନ୍ତ ସାହୁ ଅଧକ୍ଷ , ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୁର୍ସୁଡ ) ଆଲୋଚନା କରିଥିଲେ। ମଧ୍ୟାହ୍ନ ଭୋଜନ ପରେ, ୧:୪୫ରୁ ୩:୦୦ ପର୍ଯ୍ୟନ୍ତଆଇନଜୀବୀ ଭକ୍ତ ନାଇକ। 'କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ କୁ କିପରି ରୋକାଯାଇ ପାରିବ ସେ ବିଷୟ ରେ ଆଲୋଚନା କରିଥିଲେ ।୩:୧୫ରୁ ୪:୩୦ ର୍ଯ୍ୟନ୍ତ ସଞ୍ଜୟ କୁମାର ମିଶ୍ର ଓ ଯଶୋବନ୍ତ ସାହୁ ଗୋଷ୍ଠୀ ଆଲୋଚନା କରିଥିଲେ । ଆଦର୍ଶ ବିଦ୍ୟାଳୟ ସଂଗଠନର ଆସିଷ୍ଟାଣ୍ଟ ଡାଇରେକ୍ଟର ଚନ୍ଦନ କୁମାର ରଥ ଜୋନ -୬ ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ର ତଦାରଖ କରିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା ଠାରେ ପହଂଚିଥିଲେ । ତାଙ୍କୁ ବିଦ୍ୟାଳୟର ଅଧକ୍ଷ ତଥା ଜୋନ-୬ ର ଜୋନାଲ କୋ-ଅଡିନେଟର କ୍ଷମାନିଧି ଝାଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ର ଉଦଯାନୀ ଉତ୍ସବ କୁ ସ୍ୱାଗତ ଜଣାଇ ଥିଲେ ଏବଂ ତାଙ୍କ ର ପରିଚୟ ପ୍ରଦାନକରିଥିଲେ। ରଥ କାର୍ଯ୍ୟକ୍ରମ ରେ ସାମିଲ ହୋଇ ଥିବା ଶିକ୍ଷକ ମାନଙ୍କୁ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷଣ ର ମାନ ବୃଦ୍ଧି କରିବା ପାଇଁ ଆହ୍ୱାନ କରିଥିଲେ ।ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିବା ଶିକ୍ଷକ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ଥିଲା ।ପରିଶେଷରେ ଗୋପବନ୍ଧୁ ମେହେ (, ସ୍ନାତକୋତ୍ତର ପଦାର୍ଥବିଜ୍ଞାନ ଶିକ୍ଷକ, ଆଦର୍ଶ ବିଦ୍ୟାଳୟ , ପଥର ଚେପା) ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଅଂଚଳର ପିଜିଟି ଗଣିତ ଏବଂ ପିଜିଟି ପଦାର୍ଥ ବିଜ୍ଞାନ ଶିକ୍ଷକମାନଙ୍କୁ ଉଚ୍ଚ କ୍ଷମତାବନ୍ତ କରିବାର ଲକ୍ଷ୍ୟରଖାଯାଇଛି ।

# ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଚାଲୁ ରହିଥିବା ରେଳ ପ୍ରକଳ୍ପ ସମୀକ୍ଷା

ଭୁବନେଶ୍ୱର, ୦୧/୦୭ (ନି.ପ୍ର): ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରେ ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ବନ୍ଧରେ ଆଜି ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନ ଠାରେ ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ଅଂଚଳରେ ଭିତ୍ତିଭୂମି ବିକାଶ ଏବଂ ନିର୍ମାଣ କାର୍ଯ୍ୟ ସମୟରେ ଉପୁଜୁଥିବା କେତେକ ପ୍ରମୁଖ ପ୍ରତିବନ୍ଧକର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଚାଲିରହିଥିବା ରେଳ ପ୍ରକଳ୍ପଗୁଡିକରେ ସମସ୍ୟା କ୍ଷେତ୍ରଗୁଡିକ ଯଥା ଜମି ଅଧିଗ୍ରହଣ, ଜଙ୍ଗଲ ସମସ୍ୟା ଏବଂ ଆଇନ ଏବଂ ଶୃଙ୍ଖଳା ଇତ୍ୟାଦିର ସମାଧାନ ଉପରେ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନର ଶୀଘ୍ର ସମାପ୍ତି ପାଇଁ ଟନେଲ୍ ଗୁଡିକର ନିର୍ମାଣ କାର୍ଯ୍ୟ ଉଭୟ ପାର୍ଶ୍ୱରୁ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ପ୍ରାୟ ସାତ କିଲୋମିଟର ଲମ୍ବର ପ୍ରମୁଖ ଟନେଲ ସହିତ ମାର୍ଗରେ ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯିବ, ଯାହାଫଳରେ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପାଦନ କରାଯିବ । ଏହା ବ୍ୟତୀତ ତାଳଚେର-ବିମଳାଗଡ଼ ନୂଆ ରେଳ ଲାଇନରେ ନିର୍ମାଣ କାର୍ଯ୍ୟକୁ ଉଭୟ ପାର୍ଶ୍ୱରୁ, ଯଥା ତାଳଚେର ପାର୍ଶ୍ୱ ଏବଂ ବିମଳାଗଡ଼ ପାର୍ଶ୍ୱରୁ ସମ୍ପାଦନ କରାଯିବାକୁ ଏହି ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଅଛି । ଏହା ବ୍ୟତୀତ ରେଳ ମନ୍ତ୍ରଣାଳୟ ନିକଟ ଭବିଷ୍ୟତରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଏକ ସମୀକ୍ଷା ବୈଠକ କରି ରାଜ୍ୟରେ ଚାଲୁରହିଥିବା ପ୍ରତ୍ୟକ ରେଳ ପ୍ରକଳ୍ପର ଶୀଘ୍ର ସମାପ୍ତ ପାଇଁ ପଦକ୍ଷେପ ନିଆଯିବାକୁ ରେଳ ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏଗୁଡିକ ବ୍ୟତୀତ, ଅମୃତ ଷ୍ଟେସନ ଗୁଡିକର ପୁନର୍ବିକାଶ କାର୍ଯ୍ୟ ପାଇଁ ବିଶେଷ ଧ୍ୟାନ ଦିଆଯାଇ ନିର୍ମାଣ କାର୍ଯ୍ୟ ପାଇଁ ଖୁବ୍ ଶୀଘ୍ର ସମୀକ୍ଷା କରାଯିବାକୁ ଶ୍ରୀ ବୈଷ୍ଣବ କହିଛନ୍ତି । ପ୍ରଧାନମନ୍ତ୍ରୀ ଓଡିଶାକୁ ବିଶେଷ ଧ୍ୟାନ ଦେଉଛନ୍ତି ଏବଂ ରେଳବାଇ କ୍ଷେତ୍ରରେ ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ ଗତ ବଜେଟରେ ୧୦୫୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି ଯାହା ସର୍ବୋତ୍ତମ ବଜେଟ୍ ବ୍ୟବସ୍ଥା । ରେଳ ନେଟୱର୍କରେ ଓଡିଶାର ସମସ୍ତ ଜିଲ୍ଲାକୁ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯାଉଅଛି । ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୧୮୨୬ ଟ୍ରାକ୍ କିଲୋମିଟର ରେଳ ଲାଇନ ନିର୍ମାଣ କରାଯାଇଛି ଯାହା ଶ୍ରୀଲଙ୍କାର ମୋଟ ରେଳ ନେଟୱାର୍କଠାରୁ ଅଧିକ ଅଟେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଗତ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୪୫୦ କିଲୋମିଟର ରେଳ ଟ୍ରାକ ନିର୍ମାଣ କରିଥିଲା ବେଳେ ଚଳିତ ବର୍ଷ ୫୦୦ କିଲୋମିଟର ରେଳ ଲାଇନ ନିର୍ମାଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ ଦିଆଯାଇଛି । ଆର୍ଥିକ ଅଭିବୃଦ୍ଧି ଏବଂ ରେଳ ସଂଯୋଗ ପାଇଁ ଏହାର ଗୁରୁତ୍ୱକୁ ସୂଚାଇ ରେଳ ଲାଇନର ସମ୍ପ୍ରସାରଣ ପାଇଁ ପ୍ରାଥମିକତା ଦିଆଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଏହି ସମୀକ୍ଷା ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ମହେଶ କୁମାର ବେହେରା, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ, ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ୍ ଏସ ବାଜୱା ଏବଂ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅଧିକାରୀମାନେ ଯୋଗ ଦେଇଥିଲେ। ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଏହି ସମୀକ୍ଷା ବୈଠକରେ ଓଡିଶାରେ ରେଳ ବିକାଶକୁ ତ୍ୱରାନ୍ୱିତ କରିବା, ପ୍ରକଳ୍ପର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଏବଂ ରେଳ ସେବାର ଗୁଣବତ୍ତା ବୃଦ୍ଧି ପାଇଁ ମନ୍ତ୍ରଣାଳୟର ପ୍ରତିବଦ୍ଧତାକୁ ଦର୍ଶାଯାଇଛି ।

## ଲିଡ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ସମୂହର ବୈଠକ

କେନ୍ଦ୍ରାପଡ଼ା, ୦୧/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୂହଙ୍କ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଲିଡ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧକ୍ଷତା କରିଥିଲେ । ଏହି ବୈଠକରେ ବ୍ୟାଙ୍କମାନଙ୍କର ଋଣ ପ୍ରଦାନ ସ୍ଥିତି ଉପରେ ସମୀକ୍ଷା କରାଯାଇ ଥିଲା । ଲାଇନ ଡିପାଟମେଣ୍ଟ ମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷ୍ୟକୁ ପୁରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । କୋ-ଅପରେଟିଭ ବ୍ୟାଙ୍କ ଗୁଡିକ ଋଣ ପ୍ରଦାନରେ ଅଗ୍ରଣୀ ଥିବାବେଳେ ଜାତୀୟ କରଣ ବ୍ୟାଙ୍କ ଗୁଡ଼ିକ ବହୁ ପଛରେ ରହୁ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯିବା ସହ ଲକ୍ଷ୍ୟ ପୁରଣ ପାଇଁ ଯତ୍ନଶୀଳ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାସହ ସିଡି ରେସିଓରେ ତାରତମ୍ୟ ଅଧିକ ରହୁ ଥିବାରୁ ଏହାକୁ ଦୂର କରିବା ପାଇଁ ବ୍ୟାଙ୍କ ମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୈଠକରେ ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଏଲଡିଓ ପ୍ରଦିପ କୁମାର ସେଠୀ, ଏଲଡିଏମ ମନୋଜ କୁମାର ପ୍ରଧାନୀ, ନାବାର୍ଡ ଡିଡିଏମ ସ୍ମିତା ବଡଜେନା, ଏସ୍.ବି.ଆଇ.ର ଆର.ଏମ୍ ଦେବାଶିଷ ରଥ, କଟକ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂହ ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ବ୍ୟାଙ୍କର ଶାଖା ପରିଚାଳକ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପାଇପରେ ଆସୁଛି ଗୋଳିଆ ପାଣି

ଗଂଜାମ, ୦୧/୦୭ (ନି.ପ୍ର): ରାଜ୍ୟର କେତେକ ସ୍ଥାନରେ ଜଣ୍ଡିସ ର ପ୍ରକୋପ ଦେଖାଦେଇଥିବା ବେଳେ ବର୍ତମାନ ବ୍ରହ୍ମପୁର ସହରରେ ପାଇପରେ ଗୋଳିଆ ତଥା ମାଟିଆ ପାଣି ଆସୁଛି । ଜନସାଧାରଣ ଏହି ପାଣିକୁ ପିଇବା ପାଣି ରୂପେ ବ୍ୟବହାର କରୁଛନ୍ତି । ବର୍ଷା ପରେପରେ ବର୍ଷାପାଣି ଓ ନାଳ ନର୍ଦ୍ଦମା ପାଣି ପାଇପରେ ମିଶି ଆସୁଥିବା ଜଣାପଡ଼ିଛି ।ଏହି ପାଣି ବ୍ୟବହାର କରି ସହର ବାସୀ ଜଣ୍ଡିସ ଓ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି । ଏଣୁ ବ୍ରହ୍ମପୁର ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଘଟଣାର ଅନୁଧ୍ୟାନ କରି ବିଶୋଧିତ ଜଳ ପାଇପ ରେ ଯୋଗାଇବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

# କନ୍ଧମାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅବସର ଗ୍ରହଣ

କନ୍ଧମାଳ, ୦୧/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜ ବାଳା ଆଚାର୍ଯ୍ୟ ଶନିବାର ଚାକିରୀ ଜୀବନରୁ ଅବସର ନେଇଛନ୍ତି। ଗତ ଜୁନ ୯ ତାରିଖ ୨୦୨୩ ରେ ସମାଜ ମଙ୍ଗଳ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଦୀର୍ଘ ଏକ ବର୍ଷ ଧରି ସେ କନ୍ଧମାଳରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ଜିଲ୍ଲାପାଳଙ୍କ କନଫରେନ୍ସ ହଲ୍ ରେ ଆଚାର୍ଯ୍ୟଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡି ଏସ୍ ଡବଲିଓ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେ ଠିକ୍ ସମୟରେ ରିପୋର୍ଟ ପ୍ରଦାନ କରୁଥିଲେ। ଯେତେ ବେଳେ ଯେଉଁ କାମ ମୁଁ ଦେଇଛି ସେ ଠିକରେ କରିଛନ୍ତି। ବିଭାଗରୁ କୌଣସି ଅଭିଯୋଗ ମିଳିନାହିଁ। ଜିଲ୍ଲାପାଳ ପାଟିଲ ଉପଢ଼ଉକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନୂତନ ଭାବେ ସମାଜ ମଙ୍ଗଳ ଅଧିକାରୀ ଭାବେ ଦାୟିତ୍ୱ ନେଇଥିବା କ୍ରିଷ୍ଣା ପଣ୍ଡା ଅବସପ୍ରାପ୍ତ ଡି ଏସ୍ ଦବ୍ଲିଓ ସରୋଜବାଳ ଆଚାର୍ଯ୍ୟଙ୍କୁ ଉପହାର ଦେଇ ସମ୍ମାନୀତ କରିଥିଲେ। ଟିକାବାଲି ସି ଡି ପିଓ ପାନମନି ହାଁସଦା, ଖଜୁରୀପଡ଼ା ସି ଡି ପି ଓ ବୈଜୟନ୍ତୀ ମଲ୍ଲିକ, କୋଟୋଗଡ ସିଡିପିଓ ହରି ଲକ୍ଷ୍ମୀ ପୂଜାରୀ, ଫିରିଙ୍ଗିଆ ଶିଡିପିଓ ନିବେଦିତା ପ୍ରଧାନ, ବାଲିଗୁଡା ସିଡିପିଓ ସଂଯୁକ୍ତା ପଟ୍ଟନାୟକ ସମସ୍ତେ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ଶ୍ରୀମତୀ ସରୋଜ ବାଳା ଆଚାର୍ଯ୍ୟ ତାଙ୍କର ଅଭିଭାଷଣ ରଖି କହିଲେ ଯେ କନ୍ଧମାଳ ର ସୌନ୍ଦର୍ଯ୍ୟରେ ସେ ମୁଗ୍ଧ। ଏକ ବର୍ଷ କାଳ କାର୍ଯ୍ୟକାଳ ମଧ୍ୟରେ ସେ ସମସ୍ତ ପଦାଧିକାରୀ, ମିନିଷ୍ଟରିଆଲ ଷ୍ଟାଫ ଓ ମାନନୀୟ ଜିଲ୍ଲାପାଳଙ୍କ ର ସାହାଯ୍ୟ ଓ ସହୋଜୋଗ ପାଇଛନ୍ତି। ସମସ୍ତଙ୍କ ମଧ୍ୟରେ ସମନୟୋ ରକ୍ଷା ହୋଇ ପାରିଛି। ଭାବୋବିହ୍ୱଳ ହୋଇ ସେ ଅବସର ନେବା ବିଶ୍ୱାସ କରିପାରିନାହାନ୍ତି ବୋଲି କହିଥିଲେ। ପରେ ଫୁଲବାଣୀ ଗାନ୍ଧୀସ୍ମୃତି ଭବନରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ର ସମସ୍ତ କର୍ମଚାରୀ, ପ୍ରୋଗ୍ରାମ ଅଫିସର, ପି ଆଇ ଓ, ସିଡି ପି ଓ ସମସ୍ତେ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା କରି ଥିଲେ ।ଏକ ପ୍ରୀତି ଭୋଜି ରେ ସମସ୍ତେ ସାମିଲ ହୋଇଥିଲେ। ଆସନ୍ତା ୧ରେ ଶ୍ରୀମତୀ କ୍ରିଷ୍ଣା ପଣ୍ଡା ସମାଜ ମଙ୍ଗଳ ଅଧିକାରୀ ଦାୟିତ୍ୱ ରେ ରହିବେ। ଏହି ଅବସର ରେ ୱାଟର ସେଡ ପି ଡି, ଡି ମଙ୍ଗଳ ବିଭାଗ ପିଅନ ଘନଶ୍ୟାମ କହଁର ଙ୍କୁ ଜିଲ୍ଲାପାଳ ମଧ୍ୟ ସମ୍ବର୍ଦ୍ଧନା କରିଥିଲେ। ୱାଟର ସେଡ୍ ପିଡି ଶ୍ରୀ ମିଶ୍ର ଙ୍କୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ। କନ୍ଧମାଳ ରେ ଷ୍ଟବେରୀ ଚାଷ ରେ ସେ ସଫଳତା ହାସଲ କରିଥିଲେ।

# କୋର୍ଟଙ୍କ ନିର୍ଦ୍ଦେଶକୁ ଡେରାବିଶ ଥାନା ପୋଲିସର ଅବମାନନା

## ଏସପିଙ୍କ ନିର୍ଦ୍ଦେଶ ପରେବି ଥାନାଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ଶୂନ

କେନ୍ଦ୍ରାପଡ଼ା, ୦୧/୦୭ (ନି.ପ୍ର): କେନ୍ଦ୍ରାପଡା ଉପଜିଲ୍ଲାପାଳ ତଥା ଉପଖଣ୍ଡ ମ୍ୟାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଏକ ଜମି ଉପରେ ସ୍ଥିତାବସ୍ଥା ବଜାୟ ରଖାଯିବାକୁ ନିର୍ଦେଶ ପରେବି ଡେରାବିଶ ଥାନା ଅଧିକାରୀଙ୍କ ପାଇଁ ସେହି ଜମି ଉପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାୟୀ ନିର୍ମାଣ କାର୍ଯ୍ୟ ଚାଲୁ ରହିବା ଅଭିଯୋଗ ହୋଇଛି। ଏଭଳିକି ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟ୍ଟାରିଆ ମଧ କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଡେରାବିଶ ଥାନା ଅଧିକାରୀଙ୍କୁ ନିର୍ଦେଶ ଦେବା ପରେବି ପୋଲିସ ପକ୍ଷରୁ କୋଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ଥାନା ଅନ୍ତର୍ଗତ ଜହ୍ନିମୂଳ ଗ୍ରାମର ସ୍ୱର୍ଗତ ବିଜୟ କେତନ ମୁଦୁଲିଙ୍କ ପତ୍ନୀ ବିଳାସୀ ମୁଦୁଲିଙ୍କ ଜମି ଉପରେ ସେହି ଗ୍ରାମର ପରମାନନ୍ଦ ମୁଦୁଲିଙ୍କ ପୁଅ ବେଣୁଧର ମୁଦୁଲି ଜୋରଜବରଦସ୍ତି ପକ୍କା ଘର ନିର୍ମାଣ କରୁଥିବାରୁ ବିଳାସୀ ପ୍ରଥମେ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଅସହାୟା ବିଳାସୀ ବାଧ ହୋଇ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ତଥା ଉପଖଣ୍ଡ ମ୍ୟାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ସେହି ଜମି ଉପରେ ସ୍ଥତାବସ୍ଥା ବଜାୟ ରଖାଯିବା ପାଇଁ ନିବେଦନ କରି ଏକ କ୍ରିମନାଲ ମିସ ପିଟିସନ ଦାଖଲ କରିଥିଲେ। ସେହି ଅଭିଯୋଗ ଉପରେ ତଦନ୍ତ କରି କୋର୍ଟଙ୍କୁ ଜଣାଇବାକୁ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମ୍ୟାଜିଷ୍ଟ୍ରେଟ୍ ଡେରାବିଶ ଥାନାକୁ ପତ୍ରସଂଖ୍ୟା - ୫୬୫୭ ତା ୧୮.୦୫.୨୦୨୪ରିଖରେ ନିର୍ଦ୍ଦେଶ ଦେଲେ। ଏହାମଧ୍ୟରେ ସଂପୃକ୍ତ ଅପରପକ୍ଷ ସେହି ବିବାଦୀୟ ଜମି ଉପରେ ବେଆଇନ ଭାବେ ପକ୍କା ଘର ନିର୍ମାଣ ଜାରି ରଖିଥିଲେ ବି ପୋଲିସ ତାଙ୍କୁ ସହଯୋଗ କରି ତଦନ୍ତ ରିପୋର୍ଟ କୋର୍ଟଙ୍କୁ ଦେବାରେ ଜାଣିଶୁଣି ବିଳମ୍ବ କରିଥିବା ବିଳାସୀ ଅଭିଯୋଗ କରିଛନ୍ତି। କିନ୍ତୁ ଡେରାବିଶ ଥାନାର ଜନୈକ କନେଷ୍ଟବଳ ତଦନ୍ତ ପାଇଁ ଜହ୍ନିମୂଳ ଗ୍ରାମକୁ ଯିବା ପାଇଁ ଅସାହାୟା ବିଳାସୀଙ୍କ ଠାରୁ ୪ଶହ ଟଙ୍କା ଦାବି କଲେ ଓ ନେଲେ। କିନ୍ତୁ ଏସବୁ ପରେବି ଡେରାବିଶ ଥାନାରୁ ତଦନ୍ତ ରିପୋର୍ଟ କୋର୍ଟକୁ ନଆସିବାରୁ ବିଳାସୀ କେନ୍ଦ୍ରାପଡା ଏସଡିପିଓ ଓ ପରେ ଅତିରିକ୍ତ ଏସପିଙ୍କୁ ଭେଟି ନିବେଦନ କରିବା ପରେ ଉଭୟ ଅଧିକାରୀ ଡେରାବିଶ ଥାନା ଅଧିକାରୀଙ୍କୁ ଦୁଇ ଦୁଇ ଥର ନିର୍ଦ୍ଦେଶ ଦେବା ପରେବି ଏକମାସ ପରେ ତଦନ୍ତ ରିପୋର୍ଟ କୋର୍ଟରେ ପହଂଚିଲା। ଏହାପରେ କୋର୍ଟ ତଦନ୍ତ ରିପୋର୍ଟକୁ ପାଇ ସେହି ବିବାଦୀୟ ଜମି ଉପରେ ୧୪୪ଧାରା ଜାରି କରିବା ପାଇଁ ଡେରାବିଶ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ। କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶ ପରେବି ସେହି ବିବାଦୀୟ ଜମି ଉପରେ ବେଆଇନ ନିର୍ମାଣ କାର୍ଯ୍ୟ ଜାରି ରହିବାରୁ ବିଳାସୀ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟ୍ଟାରିଆଙ୍କୁ ଭେଟି ଜଣାଇବା ପରେ ଆରକ୍ଷୀ ଅଧିକ୍ଷକ ଡେରାବିଶ ଥାନା ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଲେ। କିନ୍ତୁ ତଥାପି ନିର୍ମାଣ କାର୍ଯ୍ୟ ବନ୍ଦ ନହେବାରୁ ଏସମ୍ପର୍କରେ ଅଭିଯୋଗକାରିଣୀ ବିଳାସୀ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଥିଲେ। କିନ୍ତୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେବି ସେହି ବିବାଦୀୟ ଜମି ଉପରେ ଦିନରାତି ନିର୍ମାଣ କାର୍ଯ୍ୟ ଚାଲୁ ରହିବା ଅସହାୟା ବିଧବା ବିଳାସୀଙ୍କୁ ବ୍ୟଥିତ କରିଛି। ଜଣେ ନିଶହାୟା ବିଧବା ମହିଳାଙ୍କୁ ଡେରାବିଶ ଥାନା ପୋଲିସ ନ୍ୟାୟ ପ୍ରଦାନରେ ଗୁରୁତର ଅବହେଳା ପ୍ରଦର୍ଶନ କରିବା ଘଟଣା ସାଧାରଣରେ ପୋଲିସର ବିଶ୍ୱାସନୀୟତା ହରାଇବା ସହ ପୋଲିସର ନିରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମାହାଙ୍ଗା ଓ କଟକ ସଦର ବିଧାୟକଙ୍କ ସମୀକ୍ଷା ବୈଠକ

ସାଲେପୁର, ୦୧/୦୭ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରଶାସନ ପକ୍ଷରୁ ନବନିର୍ବାଚିତ ମାହାଙ୍ଗା ବିଧାୟକ ଶ୍ରୀ ଶାରଦା ପ୍ରସାଦ ପ୍ରଧାନ ଓ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ବିରଞ୍ଚିନାରାୟଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମସ୍ତ ବିଭାଗୀୟ ସରକାରୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ବିଧାୟକ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ସୌଜନ୍ୟମୂଳକ ଆଲୋଚନା କରିଥିଲେ । ନିଶ୍ଚିନ୍ତକୋଇଲି ମଣ୍ଡଳ ଅନ୍ତର୍ଗତ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ ଗୋଟି ଏବଂ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ଗୋଟି ପଂଚାୟତର ରାସ୍ତାଘାଟର ଉନ୍ନତିକରଣ, ପ୍ରାଥମିକ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ସ୍ତରରେ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ, ପ୍ରତି ପଂଚାୟତରେ ଛପରଘରେ ରହୁଥିବା ଗରୀବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଣ, ପ୍ରତି ପରିବାରକୁ ସ୍ୱଚ୍ଛ ପିଇବା ପାଣି ଯୋଗାଣ, ପରିମଳ ଯୋଜନାରେ ପର ?ୟାପ୍ତ ପରିମାଣର ପାଇଖାନା ନିର୍ମାଣ, କୃଷି ଓ କୃଷକର ଉନ୍ନତି ପାଇଁ ସମସ୍ତ ଚାଷ ଜମିକୁ ଜଳଯୋଗାଣ ଓ ଜଳ ନିଷ୍କାସନ, ସମାଜମଙ୍ଗଳ ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରିଙ୍କ ସହାୟତା ପ୍ରଦାନ, ରାସନକାର୍ଡ ଜରୀଆରେ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ପ୍ରଦାନ, ନିଶ୍ଚିନ୍ତକୋଇଲି ମଣ୍ଡଳ ଅଂଚଳରେ କଳା,ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିବା ପାଇଁ ଦୁଇ ବିଧାୟକ ଆହ୍ୱାନ ଦେଇଥିଲେ । ବିଗତ ଦିନରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧିନରେ ଥିବା ୪୧ଗୋଟି ପଂଚାୟତରେ ସରକାରୀ ଯୋଜନାରେ ହୋଇଥିବା ବିଭିନ୍ନ କାର୍ଯର୍ଯ୍ୟ ସମୀକ୍ଷା କରିଥିଲେ । ନିଶ୍ଚିନ୍ତକୋଇଲି ମଣ୍ଡଳ ଅଧିନରେ ଅବସ୍ଥାପିତ ଏକମାତ୍ର ଆଦର୍ଶ ବିଦ୍ୟାଳୟରେ ଅନୀୟମିତତା ହୋଇଥିବା ଅଭିଯୋଗକୁ ଆଧାର କରି ବିଧାୟକ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଙ୍କୁ ଏ ବିଷୟରେ ତଦନ୍ତ କରି ପଦକ୍ଷେପ ନେବା ପାଇଁ ତାଗିଦ କରିଥିଲେ । ଏହି ବୈଠକରେ ବିଡିଓ ବିରଞ୍ଚିନାରାୟଣ ବେହେରା, ଏବିଡିଓ ଅଶୋକ କୁମାର ମହାନ୍ତି, ଗ୍ରାମ ଉନ୍ନୟନସହକାରୀ ଯନ୍ତ୍ରୀ ଜ୍ୟୋତିପ୍ରକାଶ ଦାସ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ବ୍ଲକ ପ୍ରୋଗ୍ରାମ ସଂଯୋଜକ ପ୍ରଦୀପ୍ତ କୁମାର ମହାନ୍ତି, ପ୍ରୋଗମ ଅଫିସର ତାପସ ତନୟ ପଟ୍ଟନାୟକ, ଦିବ୍ୟଲୋଚନ ସ୍ୱାଇଁ, ଯନ୍ତ୍ରୀ ଅନାମ ଚରଣ ବିଶ୍ୱାଳ, ବିଜୟ କୁମାର ସେଠୀ, ପ୍ରମୁଖ ଉପସ୍ଥିତ ଥିଲେ ।

# ହାଇଦ୍ରାବାଦ ବିମାନ ପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଦାବିପତ୍ର

ଜୟପୁର, ୦୧/୦୭ (ନି.ପ୍ର): ଜୟପୁର ଚାମ୍ବର ଅଫ୍ କମର୍ସ ପକ୍ଷରୁ ଏକ ସ୍ମାରକ ପତ୍ର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଠାରେ ପ୍ରଦାନ କରାଯାଇଛି । ଏହି ପତ୍ରରେ ଦର୍ଶାଯାଇଛି ଯେ, ଜୟପୁର ଉଡ଼ାଜାହାଜ ପଡ଼ିଆ ୧୯୬୨ ମସିହାରୁ ପ୍ରତିଷ୍ଠିତ ହୋଇଛି । ୧୯୮୦ ମସିହାରେ ଏଠାରୁ ଭୁବନେଶ୍ୱର ଏବଂ ବିଶାଖପାଟଣାକୁ ବାୟୁଦୂତ ୧୯ ସିଟ୍ ବିଶିଷ୍ଟ ବିମାନସେବା ଦେଉଥିଲା, କିନ୍ତୁ ତାହା ପରେ ବନ୍ଦ ହୋଇଥିଲା । ଗତ ୨୦୨୩ ମସିହାରେ କେନ୍ଦ୍ର ସରକାର ଏହି ବିମାନ ବନ୍ଦରକୁ ଉଡ଼ାନ୍ ଯୋଜନାରେ ସାମିଲ୍ କରି ୯ ସିଟ୍ ବିଶିଷ୍ଟ ବିମାନସେବା ଭୁବନେଶ୍ୱର ଏବଂ ବିଶାଖପାଟଣାକୁ ଆରମ୍ଭ କରିଛନ୍ତି । କେନ୍ଦ୍ର ସରକାର ୨୩୨ କୋଟି ଟଙ୍କା ଏହାର ସଂପ୍ରସାରଣ ପାଇଁ ଦେଇଥିବା ବେଳେ ଏହା ସମ୍ଭବ ହେଲେ ୭୨ ସିଟ୍ ବିଶିଷ୍ଟ ବିମାନ ଏଠାରୁ ଉଡ଼ିପାରିବ । ବର୍ତମାନ ଏହି ବିମାନ ବନ୍ଦର ବିଭାଗର ୨ସି କ୍ୟାଟେଗୋରୀ ରହିଥିବା ବେଳେ ଏଥିପାଇଁ ୩ସି କ୍ୟାଟେଗୋରୀ ଆବଶ୍ୟକତା ରହିଛି । ତତ୍ସହ ଭୁବନେଶ୍ୱର-ହାଇଦ୍ରାବାଦ୍ ମଧ୍ୟରେ ୩୬ ସିଟ୍ ବିଶିଷ୍ଟ ବିମାନସେବା ଆରମ୍ଭ କରି ଏହା ଭାୟା ଜୟପୁର ଦେଇ ଉଡ଼ାଇଲେ ଅବିଭକ୍ତ କୋରାପୁଟ ଜିଲ୍ଲା ବାସିନ୍ଦା ଉପକୃତ ହେବେ ବୋଲି ସଂସ୍ଥା ପକ୍ଷରୁ ଯୁକ୍ତି ରଖାଯାଇଛି । ଯେଉଁଠି ୩୦ ଭାଗ ଲୋକ ତେଲୁଗୁ ଭାଷୀ ରହିଛନ୍ତି । ସେମାନଙ୍କ ସୁବିଧା ପାଇଁ ଏହି ସେବା ଅତ୍ୟନ୍ତ ଜରୁରୀ ବୋଲି ଏହି ପତ୍ରରେ ତଥ୍ୟ ଦିଆଯାଇଛି । ଏହି ପତ୍ର ପାଇବା ପରେ ମନ୍ତ୍ରୀ ନାଇଡୁ ନିଶ୍ଚିତ ରୂପେ ଆପଣଙ୍କ ଦାବିକୁ ବିଭାଗ ବିଚାରକୁ ନେବ ବୋଲି ପ୍ରତିଶୃତି ପ୍ରଦାନ କରିଥିବା ଜଣାଯାଇଛି । ଉକ୍ତ ପତ୍ରକୁ ଅନୁଷ୍ଠାନର ସଭାପତି ଭି.ପ୍ରଭାକର ଆଜି ମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଜଣାଯାଇଛି ।

# ତିନି ବନ୍ଧୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନ, ୦୧/୦୭ (ନି.ପ୍ର): ପିଲା ଦିନର ତିନି ସାଙ୍ଗ ସୁରେନ୍ଦ୍ର କୁମାର ପୋଥାଳ,ରାମ ଚନ୍ଦ୍ର ରାଉତ ଓ ପ୍ରଭାତ କୁମାର ପଟ୍ଟନାୟକ ଶିକ୍ଷା ବିଭାଗରେ ନିଷ୍ଠାପର ଭାବେ ଶିକ୍ଷାଦାନ କରି ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆଜି ଭୁବନ ଡାକ ବଙ୍ଗଳା ପରିସରରେ ଏହି ତିନି ସାଙ୍ଗ ଙ୍କୁ ଭୁବନ ର ଅଗ୍ରଣୀ ସେବା ସଂଗଠନ ଗୋପବନ୍ଧୁ ଦାସ ସେବା ସଂଗଠନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି। ସୁରେନ୍ଦ୍ର କୁମାର ପୋଥାଳ ଭୁବନ ଉଚ୍ଚ ମାଧ୍ୟମିକ ମହିଳା ମହାବିଦ୍ୟାଳୟ ରେ ପ୍ରିନ୍ସିପାଲ ରୂପେ କାର୍ଯ୍ୟ କରି କଲେଜ ର ଉନ୍ନତି ରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ରାମ ଚନ୍ଦ୍ର ରାଉତ ଓ ପ୍ରଭାତ କୁମାର ପଟ୍ଟନାୟକ ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ରେ ବିଜ୍ଞାନ ବିଭାଗରେ ଡେମୋନେଷ୍ଟ୍ରେଟର ଭାବେ ଦକ୍ଷତାର ସହ କାର୍ଯ୍ୟକରୀ ଅନେକ ଛାତ୍ର ଛାତ୍ରୀ ଙ୍କୁ ମଣିଷ କରିବାରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସମ୍ବର୍ଦ୍ଧନା ସଭାରେ ଅତିଥି ରୂପେ ଯୋଗଦେଇ ଦେବବ୍ରତ ପୃଷ୍ଟି ଏହି ତିନି ସାଙ୍ଗ ଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସୁସ୍ଥ ଏବଂ ଦୀର୍ଘ ଜୀବନ କାମନା କରିଥିଲେ। ଏହି ତିନି ସାଙ୍ଗ ସମାଜ ସେବାରେ ନିଜର ଅବଶିଷ୍ଟ ଜୀବନ ବିତାଇବା ପାଇଁ ସ୍ୱ ମତ ରଖିଥିଲେ । ଆଜିର ସମ୍ବର୍ଦ୍ଧନା ସଭାରେ ଭୁବନ ର ବୁଦ୍ଧିଜୀବୀ, ସାମ୍ବାଦିକ ଏଂ ସମାଜସେବୀ ମାନେ ଉପସ୍ଥିତ ଥିଲେ।

# କର୍କଟ ପୀଡିତକୁ ସହାୟତାର ହାତ ବଢାଇଲା ଟ୍ରଷ୍ଟ

କେନ୍ଦ୍ରାପଡ଼ା, ୦୧/୦୭ (ନି.ପ୍ର): କେନ୍ଦ୍ରାପଡ଼ା ସହରର କଜଳା ଗ୍ରାମର ନାରାୟଣ ମଲ୍ଲିକ(୪୫) ଗତ କଛି ବର୍ଷ ହେବ ମୁଖ କର୍କଟ ରୋଗରେ ପିଡିତ ଅଛନ୍ତି । ଶ୍ରୀ ମଲ୍ଲିକ ତାଙ୍କ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଅଟନ୍ତି। ସେ ଇଲେକ୍ଟ୍ରିସିଆନ ଭାବେ କାର୍ଯ୍ୟ କରି ତାଙ୍କ ବୃଦ୍ଧ ମାତା, ଅବିବାହିତା ଭଉଣୀ, ପତ୍ନୀ ଓ ଦୁଇଟି ପିଲାଙ୍କ ଭରଣ ପୋଷଣ କରିଥାନ୍ତି । ବର୍ତମାନ ସେ କର୍କଟ ରୋଗରେ ପିଡିତ ହୋଇପଡିବାରୁ ପରିବାର ପ୍ରତିପୋଷଣ ସହ ନିଜର ଚିକିତ୍ସା କରିବାକୁ ଅକ୍ଷମ । ଏସମ୍ପର୍କରେ ଜାଣିବା ପରେ ବାଞ୍ଛାନିଧି ଦାସ ଓ ଶ୍ରୀମତି ଦେବୀ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମିରେଟସ ପ୍ରଫେସର ଦେବେନ୍ଦ୍ର କୁମାର ଦାସ ଦୁଃଖିତ ହୋଇପଡିବା ସହିତ ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଡାଏବେଟିସ ରୋଗୀ ଭାତ ଖାଇବେ କି ?



ଯଦି ଆପଣଙ୍କର ଡାଏବେଟିସ୍ ଅଛି ତେବେ ଆପଣ ଚିକିତ୍ସା ହେଉଥିବା ଡାକ୍ତରଙ୍କ ସହ ଆପଣଙ୍କ ବନ୍ଧୁ ଓ ପରିବାରରେ ମଧ୍ୟ ଆପଣଙ୍କ ଭାତ ଖାଇବାରେ ପ୍ରତିବନ୍ଧକ ଲଗାଇଥାଆନ୍ତି। କେହି କେହି ତ ଭାତ ଖାଇବା ପୂରା ବନ୍ଦ ହିଁ କରିଦିଅନ୍ତି। ତେବେ ସତରେ କ'ଣ ଭାତ ବନ୍ଦ କରି କେବଳ ରୁଟି ଖାଇବା ଦ୍ୱାରା ଡାଏବେଟିସ୍ ନିୟନ୍ତ୍ରଣରେ ରୁହେ ? ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା।

ଯଦି କୌଣସି କାରଣରୁ ଆପଣଙ୍କ ରକ୍ତ ଶର୍କରା ବଢ଼ିଯାଏ, ତେବେ ଆପଣ ତୁରନ୍ତ ଡାକ୍ତରଙ୍କ ପାଖକୁ ଯାଆନ୍ତୁ ଏବଂ ଔଷଧ ଖାଇବା ଆରମ୍ଭ କରନ୍ତୁ।

ହେଲେ ଔଷଧ ଖାଇବା ସହ ଖାଦ୍ୟର ଧ୍ୟାନ ରଖିବା ମଧ୍ୟ ଅତ୍ୟନ୍ତ ଜରୁରୀ।

ଡାଏବେଟିସ୍ ବା ମଧୁମେହ ହେବାର ମୁଖ୍ୟ କାରଣ ହେଉଛି ଆମର ଇନ୍ସୁଲିନ୍ କ୍ଷରଣ କମିଯିବା। ଇନ୍ସୁଲିନ୍ ହେଉଛି ଏକ ହରମୋନ୍ ଯାହା ଆମ ଅଗ୍ନାଶୟରୁ କ୍ଷରିତ ହୋଇଥାଏ ଏବଂ ଅଗ୍ନାଶୟ ଏକ ଏଣ୍ଡୋକ୍ରାଇନ୍ ଗ୍ରନ୍ଥି। ତେବେ ଏହି ଇନ୍ସୁଲିନ୍ ଆମ ରକ୍ତରେ ଶର୍କରାର ମେଟାବୋଲିଜିମ୍‌ରେ ସାହାଯ୍ୟ କରେ ଏବଂ ଏହାର କମ କ୍ଷରଣ ହେବା ଯୋଗୁଁ ଆମ ରକ୍ତ ଶର୍କରା ବଢ଼ିବାରେ ଲାଗେ। ଏଥିପାଇଁ ଡାଏବେଟିସ୍ ଅଧିକା ଥିବା ଲୋକେ ଇନ୍ସୁଲିନ୍ ଇଣ୍ଟ୍ରାଭେନସ୍ ବା ରକ୍ତନଳୀକୁ ସିଧା ଭାବେ ନିଅନ୍ତି।

ଡାଏବେଟିସ୍ ଥିବା ବ୍ୟକ୍ତିମାନଙ୍କୁ ଉଚ୍ଚ ଶ୍ୱେତସାର, ଉଚ୍ଚ କ୍ୟାଲୋରୀ ଯୁକ୍ତ ଖାଇବା ମନା ହୋଇଥାଏ ଏବଂ ପୁଷ୍ଟିସାର ବା ପ୍ରୋଟିନ୍ ଓ ଫାଇବର ଅଧିକ ଥିବା ଖାଦ୍ୟ ଖାଇବାକୁ କୁହାଯାଏ, ଯାହା ଦ୍ୱାରା ଏହା ଶର୍କରାର ପରିମାଣ ବଢ଼ାଏ ନାହିଁ।

ବର୍ତ୍ତମାନ ଦେଖିବା ଭାତ ଓ ରୁଟି ମଧ୍ୟରୁ କେଉଁଟି ବାଛିବେ। ଆମେମାନେ ସାଧାରଣତଃ ଦୁଇ ପ୍ରକାର ଭାତ ଖାଉ, ଅରୁଆ ଓ ଉଷୁନା। ଉଭୟ ଭାତର ଅନେକ ରକମ ରହିଛି ଏବଂ ଏହି ଅନୁସାରେ ଏଥିରେ ପୋଷକ ପରିମାଣ ମଧ୍ୟ ଅଳ୍ପ ବହୁତ ହୋଇଥାଏ। ତେବେ ଆମ ଘରଗୁଡିକରେ ଚାଉଳ ଅମଳ ପରେ ଏହାକୁ ସିଝାଇ ଶୁଖାଇ ଦେଲେ ଏହା ଉଷୁନା ଚାଉଳ ଭାବେ ବ୍ୟବହୃତ ହୁଏ।

ପୂର୍ବରୁ ଏହାକୁ ଢିଙ୍କିରେ କୁଟି ଚାଉଳ ଅମଳ ହେଉଥିଲା କିନ୍ତୁ ଏବେ ମିଲ୍ ଏହି କାମ କରୁଛି। କିନ୍ତୁ ମିଲ୍‌ରେ ମେସିନ୍‌ରେ ଚୁରା ହେବା ବେଳେ ଏହାର ପୁଷ୍ଟିସାର ଥିବା ଚୋପାଟି ମଧ୍ୟ କାଢ଼ି ହୋଇଯାଏ। ସାଧାରଣତଃ ନାଲି ଦେଖାଯାଉଥିବା ଢିଙ୍କିକୁଟା ଅକାଣ୍ଡିଆ ଉଷୁନା ଚାଉଳରେ ୧୦୦ ଗ୍ରା ପିଛା ୮.୫ ପ୍ରୋଟିନ୍ ଓ ୭୭ଗ୍ରା. ଶ୍ୱେତସାର ରହୁଥିବା ବେଳେ ମିଲ୍‌ରେ ପେଶାହୋଇଥିବା ଚାଉଳରେ ଏହା କମି ୬.୪ଗ୍ରା ହୋଇଯାଏ।

ତଥାପି ଉଷୁନା ଭାତରେ ଫାଇବର ଓ ଅନ୍ୟ ପୋଷକ ତତ୍ତ୍ୱ ଠିକ ରହିଥାଏ। ତେଣୁ ବର୍ତ୍ତମାନର ବଜାର ଉପଲବ୍ଧତା ଅନୁସାରେ ଆମେ ବ୍ରାଉନ୍ ରାଇସ୍ ବା ଉଷୁନା ଚାଉଳ ବହୁଳ ବ୍ୟବହାର କରୁଛେ। ଅରୁଆ ଚାଉଳର ପ୍ରୋଟିନ୍ ପରିମାଣ ସାଧାରଣତଃ ଉଷୁନା ଠାରୁ କମ୍ ଥାଏ କିନ୍ତୁ ଏହାର ଶ୍ୱେତସାର ପରିମାଣ ଅପେକ୍ଷାକୃତ ଅଧିକ ଥାଏ। ନ ହେଲେ ଏହି ଦୁଇ ଭାତ ଭିତରେ ସେମିତି କିଛି ଅନ୍ତର ନାହିଁ।

ଏବେ ଆସିବା ରୁଟି ଆଡ଼କୁ। ରୁଟି ଅଟାରୁ ତିଆରି ହୁଏ। ଯଦି ଆପଣ ନିଜେ ଗହମ ଆଣି ଅଟା ପେଶି ରୁଟି କରୁଛନ୍ତି ତେବେ ଏଥିରୁ ଆପଣଙ୍କୁ ୧୦୦ଗ୍ରା ପିଛା ୧୨.୧ଗ୍ରା ପ୍ରୋଟିନ୍ ମିଳୁଥିବା ବେଳେ ୬୯ଗ୍ରା ଶ୍ୱେତସାର ଓ ୧.୯ଗ୍ରା ଫାଇବର ମିଳେ। ହେଲେ ବର୍ତ୍ତମାନ ପ୍ୟାକେଟ୍‌ରେ ମିଳୁଥିବା ଅଟାରେ ମଇଦା ମିଶୁଥିବାର ଆଶଂକା ରହୁଥିଲେ କାର୍ବୋହାଇଡ୍ରେଟ୍ ପରିମାଣ ବଢ଼ିଯାଇଥାଏ।

ତେବେ ଗହମର ଗ୍ଲାଇସେମିକ୍ ଇଣ୍ଡେକ୍ସ ମଧ୍ୟ ଚାଉଳଠାରୁ କମ୍ ଥାଏ। ଗ୍ଲାଇସେମିକ୍ ଇଣ୍ଡେକ୍ସ ହେଉଛି ସେହି ସଂଖ୍ୟା ଯାହା ପାଚିତ ହେବା ପରେ ଉତ୍ପାଦିତ ଶର୍କରାର ଅଂଶକୁ ଦର୍ଶାଏ। ରୁଟିର ଗ୍ଲାଇସେମିକ୍ ଇଣ୍ଡେକ୍ସ ୫୨-୬୨ ରହୁଥିବା ବେଳେ ଉଷୁନା ଚାଉଳର ଗ୍ଲାଇସେମିକ୍ ଇଣ୍ଡେକ୍ସ ୬୮ ରୁହେ ଏବଂ ଅରୁଆର ୭୩ ରୁହେ। ୫୫-୫୮ ଏକ ଭଲ ଗ୍ଲାଇସେମିକ୍ ସ୍ତର ଭାବେ ବିବେଚନା କରାଯାଏ। ଏଣୁ ରୁଟି ଓ ଉଷୁନା ଭାତ ଉଭୟ ଆପଣ ଖାଇପାରିବେ। କିନ୍ତୁ ଅରୁଆ ଭାତ ଖାଇବାରେ ପ୍ରତିବନ୍ଧକ ଲଗାଇବାକୁ ହେବ।

ଏହା ବ୍ୟତୀତ ଅଟା ଓ ମଇଦାରେ ଏକ ପ୍ରକାର ଗ୍ଲୁଟେନ୍ ନାମକ ପ୍ରୋଟିନ୍ ଥାଏ ଯାହା ଶରୀରରେ ଚୟ ବା ମେଟାବୋଲିଜିମ୍ ପରେ ୟୁରିକ୍ ଏସିଡ୍ ନିର୍ଗତ କରେ। ଏହି ୟୁରିକ୍ ଏସିଡ୍ ଆମ କିଡ୍‌ନି ଉପରେ ପ୍ରଭାବ ପକାଏ ଏବଂ ଗାଉଟ୍ ବା ଗଣ୍ଠିବାତ ପରି ବିଭିନ୍ନ ସମସ୍ୟା ଦେଖାଦିଏ।



ଏଣୁ ରୁଟି ଖାଇବା ସଂଗେ ସଂଗେ ଡାଇବେଟିକ୍ ଲୋକେ ଅନ୍ୟ ପ୍ରୋଟିନ୍ ଖାଦ୍ୟ ଖାଉଥିବାରୁ ସେମାନଙ୍କ କିଡ୍‌ନି ପ୍ରଭାବିତ ହେବାର ଭୟ ଥାଏ। ଯେହେତୁ ଆମ ଭାରତୀୟମାନେ ଟ୍ରପିକାଲ ବା ନାତିଶୀତୋଷ୍ଣ ଜଳବାୟୁରେ ରୁହନ୍ତି ଏବଂ ଆମର ଜୀବନଶୈଳୀ ମଧ୍ୟମ ଭାବେ କଠିନ ପରିଶ୍ରମୀ, ତେଣୁ ଆମେ ଆମ ଖାଦ୍ୟରେ ଭାତର ବ୍ୟବହାରକୁ ଏଡ଼େଇ ପାରିବା ନାହିଁ। ଦିନକୁ ଅନ୍ତତଃ ଥରେ ଭାତ ଖାଇବା ଜରୁରୀ। ରୁଟି ଆମ ଶରୀରରେ ଫାଇବର ଓ ପ୍ରୋଟିନ୍ ବଢ଼ାଏ, କିନ୍ତୁ ଭାତରେ କ୍ୟାଲୋରୀ ଅଧିକ ଥିବାରୁ ଏହା ଆମେ ମଧ୍ୟାହ୍ନ ଭୋଜନରେ ଖାଇପାରିବା ଯାହା ଦ୍ୱାରା ଏହା ଆମକୁ ଦିନସାରା କାର୍ଯ୍ୟକ୍ଷମ ରଖିବ।

ରାତିରେ ଆମେ ରୁଟି ଖାଇପାରିବା। ରୁଟି ସାଧାରଣତଃ ହଜମ ହେବାରେ ସମୟ ନିଏ, କାରଣ ଏହା ଉଚ୍ଚ ଫାଇବର ଯୁକ୍ତ। ଏହା ଯୋଗୁଁ ଆମକୁ ଭୋକ ଡେରିରେ ଲାଗେ ଏବଂ ସେଥିପାଇଁ ଆମେ ଓଜନ ହ୍ରାସ କରିବା ଲୋକଙ୍କୁ ମଧ୍ୟ ଭାତ ବଦଳରେ ରୁଟି ଖାଇବାକୁ ଦେଉ।

ତେବେ ରୁଟି କେବଳ ଅଟାର କାହିଁକି, ଆମେ ମଲ୍ଟିଗ୍ରେନ୍ ବା ମିଶ୍ରିତ ଶସ୍ୟର ରୁଟି ବନେଇପାରିବା। ଏଥିନିମନ୍ତେ ଆପଣଙ୍କୁ ଅଟା, ବୁଟଡାଲି, ମାଣ୍ଡିଆ, ଯଅ, ବାଜରା ଆଦିର ଅଟା ମିଶାଇ ରୁଟି ପ୍ରସ୍ତୁତ କରିବାକୁ ହେବ। ମାଣ୍ଡିଆ, ଯଅ ଓ ବାଜରା ମିଲେଟ୍ ବର୍ଗରେ ଆସନ୍ତି ଏବଂ ଏଗୁଡ଼ିକ ପ୍ରୋଟିନ୍ ଓ ଫାଇବରରେ ଭରପୂର ଓ ଗ୍ଲୁଟେନ୍ ମୁକ୍ତ।

ଏହା ବ୍ୟତୀତ ଆପଣଙ୍କ ସୋୟାବିନ୍ ପ୍ରତି ଆଲର୍ଜି ନ ଥିଲେ ଆପଣ ସୋୟାବିନ୍ ଅଟା ବି ବ୍ୟବହାର କରିପାରିବେ। ଥରେ ଏସବୁ ଖାଇ ଦେଖନ୍ତୁ, ଖୁବ୍ ସ୍ୱାଦିଷ୍ଟ ଲାଗିବା ସଂଗେ ସଂଗେ ଆପଣ ସୁସ୍ଥ ରହିବେ। ଏଣୁ ସାଧାରଣ ବଜାରର ଅଟାରେ ରୁଟି କରିବା ବଦଳରେ ଆପଣ ଏହାକୁ ବନେଇ ପାରିବେ।

ତେବେ ପରିଶେଷରେ ଭାତ ଓ ରୁଟି ଦୁଇଟିଯାକ ଡାଇବେଟିସ୍ ଥିବା ବ୍ୟକ୍ତିଙ୍କ ପାଇଁ ଖାଇବା ଦରକାର। ହେଲେ ପରିମାଣ ହିଁ ମୁଖ୍ୟ କାରଣ। ମନେରଖନ୍ତୁ, ଭାତ ହେଉ କି ରୁଟି, ଏହା ସାଙ୍ଗରେ ଆମେ ଉପଯୁକ୍ତ ପରିମାଣର କଞ୍ଚା ପରିବାକୁ ସାଲାଡ୍ ଭାବେ ଖାଇଲେ ଆମର ଖାଦ୍ୟ ସଠିକ ପରିମାଣରେ ଖାଇହେବ ଏବଂ ପାଚନ ପାଇଁ ସମୟ ଲାଗିବ।

ଏପରି ହେଲେ ଆମ କ୍ୟାଲୋରୀ ଗ୍ରହଣ ମଧ୍ୟ ନିୟନ୍ତ୍ରଣରେ ରହିବ। ତେଣୁ କୌଣସି ବି ଖାଦ୍ୟ ଖାଇବା ଆଗରୁ ଜାଣିନିଅନ୍ତୁ ଏହାର ସାଇଡ୍ ଇଫେକ୍ଟ କ'ଣ ରହିଛି ଏବଂ ଏହାର ବିକଳ୍ପ କ'ଣ ହୋଇପାରିବ।

## ପିଲାଙ୍କ ହୋମୱାର୍କ ପାଇଁ, ପିତାମାତାଙ୍କୁ ହୃଦ୍‌ଘାତ !



ସାଧାରଣତଃ ପିଲାଙ୍କୁ ହୋମୱାର୍କରେ ବାପା ମା' ସାହାଯ୍ୟ କରନ୍ତି। କିନ୍ତୁ, ଚୀନରେ ପିଲାଙ୍କର ଏହି ହୋମୱାର୍କ ଏବେ ପିତାମାତାଙ୍କ ପାଇଁ କାଳ ସାଜିଛି। ପିଲାଙ୍କୁ ହୋମୱାର୍କ ତଥା ଖାସ କରି ଗଣିତ ପାଠରେ ସାହାଯ୍ୟ କରିବାକୁ ଯାଇ ପିତାମାତାମାନେ ହୃଦ୍‌ଘାତର ଶିକାର ହେଉଥିବା ଜଣାପଡ଼ିଛି। ଯାହା ସଭିଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ନିକଟରେ ହଙ୍ଗୌଜୋରେ ବାସ କରୁଥିବା ଡଙ୍ଗ୍ ନାମ୍ନୀ ଜଣେ ୪୦ ବର୍ଷିୟ ମହିଳା ସନ୍ଧ୍ୟା ସମୟରେ ନିଜ ପୁଅକୁ ଗଣିତ ହୋମୱାର୍କ କରିବାରେ ସାହାଯ୍ୟ କରୁଥିଲେ। ପିଲାଟିକୁ ଗଣିତ ବୁଝାଇଥିଲେ, ସେ ବୁଝିବାରେ ବିଫଳ ହେବାରୁ ମହିଳା ଜଣଙ୍କ ସେହି ସମୟରେ ନିଜ ଧୈର୍ଯ୍ୟ ହରାଇ ବସିଲେ। ସେ ଅଧିକ ରାଗିଯିବାରୁ ତାଙ୍କର ମୁଣ୍ଡ ବିନ୍ଧା ଆରମ୍ଭ ହୋଇଥିଲା। ଏପରିକି ବାନ୍ତି ମଧ୍ୟ କରିଥିଲେ। ଦେହ ଅଧିକ ଖରାପ ହେବାରୁ ସେ ଡାକ୍ତରଖାନାକୁ ଯାଇଥିଲେ। ଚିକିତ୍ସା ପରେ ତାଙ୍କୁ 'ସ୍ପୋଣ୍ଟାନିଓସ୍ ସୁବାର୍କନୋଏଡ୍ ହେମୋରେଜ୍' ନାମକ ମାମୁଲି ଷ୍ଟ୍ରୋକ୍ ହୋଇଥିଲା ବୋଲି ଜଣାପଡ଼ିଥିଲା। ଅତ୍ୟଧିକ ଚାପ ଯୋଗୁଁ ଏହି ଷ୍ଟ୍ରୋକ୍ ହୋଇଥିଲା। ସେ ପୁଅଙ୍କୁ ପଢ଼ାଉଥିବା ସମୟରେ ଅତ୍ୟଧିକ ରାଗି ଯାଇଥିଲେ। ତେଣୁ ଏହି ସମସ୍ୟା ଦେଖାଯାଇଥିଲା। ବର୍ତ୍ତମାନ ସମୟରେ ଏହି ପରିସ୍ଥିତି ଚୀନରେ ଚିନ୍ତାଜନକ ହୋଇପଡ଼ିଛି। ତେବେ ଚୀନରେ ଏହି ଘଟଣା ପ୍ରଥମ ନୁହେଁ, ପୂର୍ବରୁ ଅର୍ଥାତ୍ ୨୦୧୯ ମସିହାରେ ଜଣେ ୩୬ ବର୍ଷିୟ ମହିଳା, ଗତ ବର୍ଷ ଜଣେ ୪୫ ବର୍ଷିୟ ମହିଳା ପିଲାଙ୍କୁ ହୋମୱାର୍କ କରୁଥିବା ସମୟରେ ଏହି ଷ୍ଟ୍ରୋକର ଶିକାର ହୋଇଥିଲେ। ସେହିପରି ଗତ ଜାନୁଆରୀ ମାସରେ ମଧ୍ୟ ଚୀନର ଜିୟାଙ୍ଗସୁ ଅଞ୍ଚଳର ଜଣେ ୩୭ ବର୍ଷିୟ ମହିଳା ନିଜ ପୁଅକୁ ଗଣିତ ପଢ଼ାଉଥିବା ସମୟରେ ଏହି ଷ୍ଟ୍ରୋକର ସମ୍ମୁଖୀନ ହୋଇଥିଲେ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ ବିଶେଷ କରି ମହିଳାମାନେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ବହୁ ସମ୍ଭାବନା ରହିଛି, କାରଣ ସେମାନେ ଘର କାମ ସହ ଅଫିସ୍ କାର୍ଯ୍ୟ ଓ ଅନ୍ୟାନ୍ୟ ଚାପ ଓ ଚିନ୍ତାରେ ରହିଥାନ୍ତି। ତେଣୁ ଚାପ ତାଲିକାରେ ପିଲାଙ୍କ ହୋମୱାର୍କ ମଧ୍ୟ ଯୋଡ଼ି ହୋଇଛି।

## ଅବସାଦ କମାଏ ଦିନକୁ ଦୁଇ ଘଣ୍ଟାର ଫୋନ୍ ବ୍ୟବହାର

ଅତ୍ୟଧିକ ମୋବାଇଲ ବ୍ୟବହାର ଯୋଗୁଁ ଏବେ ଲୋକଙ୍କଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଏହି ସମସ୍ୟା କିଶୋରକିଶୋରୀଙ୍କଠାରେ ଅଧିକ ଦେଖିବାକୁ ମିଳିଥାଏ। ସେଥିପାଇଁ ଯଥାସମ୍ଭବ ମୋବାଇଲ କମ୍ ବ୍ୟବହାର କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଉଛି। ଗୋଟିଏ ପଟେ ଅଧିକ ଫୋନ ବ୍ୟବହାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଥିବା ବେଳେ ଅନ୍ୟପଟେ ଏହାର କମ୍ ବ୍ୟବହାର ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା ଦିଗରେ ଫଳପ୍ରଦ ବୋଲି କୁହାଯାଇଛି। ଦିନକୁ ଘଣ୍ଟାଏରୁ ଦୁଇ ଘଣ୍ଟା ଫୋନ୍ ବ୍ୟବହାର କରୁଥିବା କିଶୋରକିଶୋରୀଙ୍କଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଆଶଙ୍କା ହ୍ରାସ ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। କୋରିଆର ହନ୍‌ୟାଙ୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୩ରୁ ୧୮ ବର୍ଷ ବୟସ୍କ ପିଲାଙ୍କ ଉପରେ



ଗବେଷଣା କରି ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ତେବେ ଆଦୌ ଫୋନ୍ ବ୍ୟବହାର କରୁ ନଥିବା ପିଲାଙ୍କ ତୁଳନାରେ ଦିନକୁ ଦୁଇ ଘଣ୍ଟାରୁ କମ୍ ସମୟ ବ୍ୟବହାର କରୁଥି ବା କିଶୋରଙ୍କଠାରେ ଅବସାଦ, ନିଦ୍ରାହୀନତା, ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ନିଶାଭ୍ୟାସ ପ୍ରବୃତ୍ତି ଆଶଙ୍କା କମ୍ ଥାଏ। ଅବଶ୍ୟ ଚାରି ଘଣ୍ଟାରୁ ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଦ୍ୱାରା ଏହିସବୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ୨୨ ପ୍ରତିଶତକୁ ବୃଦ୍ଧି ପାଇଥାଏ। କିଶୋରକିଶୋରୀଙ୍କ ଫୋନ୍ ବ୍ୟବହାର ସେମାନଙ୍କୁ ଏକାକୀତ୍ୱଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ ବୋଲି ଗବେଷକମାନେ କହିଛନ୍ତି। ତେବେ ଗବେଷକମାନେ ୨୦୧୭ ଏବଂ ୨୦୨୦ରେ କୋରିଆର ୫୦ ହଜାର କିଶୋରଙ୍କ ଡାଟାକୁ ବିଶ୍ଳେଷଣ କରି ଏଭଳି ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି।

## ସବୁବେଳେ ଇୟରଫୋନ୍ ବ୍ୟବହାର କରୁଛନ୍ତି କି ? ତେବେ ଜାଣନ୍ତୁ......

ଆଜିକାଲି ଲୋକେ ସ୍ମାର୍ଟଫୋନ୍ ବିନା ଘଡ଼ିଏ ରହିପାରୁ ନାହାନ୍ତି। କାମ କରିବା କିମ୍ବା ଯାତ୍ରା କରିବା ସମୟରେ ଅନେକେ ଇୟରଫୋନ ଲଗାଇ ଗୀତ ଶୁଣନ୍ତି, ନଚେତ୍ ସୋସିଆଲ ମିଡିଆରେ ବ୍ୟସ୍ତ ରୁହନ୍ତି। ଦିନରେ ଏପରି ଅଳ୍ପ ସମୟ ପାଇଁ କଲେ କିଛି ଅସୁବିଧା ନାହିଁ, କିନ୍ତୁ କିଛି ଲୋକ ଏପରି ଅଛନ୍ତି, ଯେଉଁମାନେ କୌଣସି କାମ କରନ୍ତୁ, କିମ୍ବା ଖାଲି ବସିଥାନ୍ତୁ, କାନରେ ସବୁବେଳେ ସେମାନଙ୍କର ଇୟରଫୋନ୍ ଲାଗିଥାଏ। ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ବିପଜ୍ଜନକ ହୋଇପାରେ। ଏଭଳି କରୁଥିଲେ ସାବଧାନ ହୋଇଯାନ୍ତୁ।



*ହରାଇ ପାରନ୍ତି ଶ୍ରବଣ ଶକ୍ତି*

ଦିନସାରା ଇୟରଫୋନ୍ ବ୍ୟବହାର କରୁଥିବା ଲୋକେ ଏହି ଅଭ୍ୟାସ ବଦଳାଇବା ଦରକାର। ଏହାକୁ ଜଣେ ଲଗାତାର ବ୍ୟବହାର କରିବା ଦ୍ୱାରା ଶ୍ରବଣ ଶକ୍ତି ହରାଇବା ଆଶଙ୍କା ଥାଏ। ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯଦି ଜଣେ ଦୁଇ ଘଣ୍ଟା ଅଧିକ ଜୋରରେ ଇୟରଫୋନ୍‌ରେ ସଙ୍ଗୀତ ଶୁଣନ୍ତି, ଏହାଦ୍ୱାରା ଶ୍ରବଣ ଶକ୍ତି ପ୍ରଭାବିତ ହୋଇଥାଏ।

*ବଢ଼ିଥାଏ ହୃଦ୍‌ରୋଗ ଆଶଙ୍କା*

କାନରେ ଇୟରଫୋନ ଲଗାଇ ଜୋରରେ ଗୀତ ଶୁଣିବା ଦ୍ୱାରା ଏହା ଘାତକ ହୋଇପାରେ। ଏହାଦ୍ୱାରା ହୃଦ୍‌ରୋଗ ହେବା ଆଶଙ୍କା ବଢ଼ିଯାଏ। ଯେତେବେଳେ ଆମେ ଅଧିକ ଜୋରରେ ଗୀତ ଶୁଣୁ ସେତେବେଳେ ଆମର ହୃଦ୍‌ସ୍ପନ୍ଦନ ବଢ଼ିଯାଏ। ଏଭଳି ନିୟମିତ ହେବା ଦ୍ୱାରା ହୃଦ୍‌ରୋଗ ହେବା ଆଶଙ୍କା ବୃଦ୍ଧିପାଏ।

*ମସ୍ତିଷ୍କ ଉପରେ ପ୍ରଭାବ*

ଦୀର୍ଘ ସମୟ ଧରି ଇୟରଫୋନ ବ୍ୟବହାର କରିବା ଦ୍ୱାରା ଏହା ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଇୟରଫୋନରୁ ବାହାରୁଥିବା ବିଦ୍ୟୁତ୍ ତରଙ୍ଗ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ। ଏହା ଆମର ମସ୍ତିଷ୍କ କୋଷିକାଗୁଡ଼ିକୁ ନଷ୍ଟ କରିଦିଏ। ଏହାଦ୍ୱାରା ଆମ ମସ୍ତିଷ୍କ ମାନ୍ଦା ହୋଇଯାଏ।

*ନିଦରେ ସମସ୍ୟା*

ଯଦି ଜଣେ ଇୟରଫୋନ୍ ଲଗାଇ ଶୋଉଥାନ୍ତି କିମ୍ବା ଶୋଇବା ପୂର୍ବରୁ ଏଥିରେ ଗୀତ ଶୁଣୁଥାନ୍ତି ଏହାଦ୍ୱାରା ଅନିଦ୍ରା ସମସ୍ୟା ବୃଦ୍ଧିପାଏ। କେବଳ ସେତିକି ନୁହେଁ ଏହାଦ୍ୱାରା ନିଦରେ ମଧ୍ୟ ବାଧା ସୃଷ୍ଟି ହୋଇଥାଏ। ଏହା ଆମର ଜୈବିକ ଚକ୍ରକୁ ପ୍ରଭାବିତ କରିବା ଦ୍ୱାରା ଖାଇବାଠାରୁ ଆରମ୍ଭ କରି ଶୋଇବା ପ୍ରଭାବିତ ହୋଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିଶାମୁକ୍ତ ଶିକ୍ଷା ପରିସର...

ଶିକ୍ଷା ପରିସରକୁ ନିଶା ମୁକ୍ତ ଓ ତମାଖୁ ମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତମାଖୁ ବର୍ଜନ ଦିବସ ଆସିଲେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ନିକଟରେ ପାଳିତ ହୋଇଛି ବିଶ୍ୱ ତମାଖୁ ବର୍ଜନ ଦିବସ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଏହାକୁ ପାଳନ କରାଯାଉଛି। ସଚେତନା ଶୋଭାଯାତ୍ରା ମଧ୍ୟ କରାଯାଉଛି। ସବୁପରେ ମଧ୍ୟ ଏହାକୁ ବନ୍ଦ କରାଯାଇପାରୁନାହିଁ। ସ୍କୁଲ, କଲେଜ ପାଖରେ ଖୋଲିଥିବା ସିଗାରେଟ୍, ଗୁଟଖା ଦୋକାନ ବନ୍ଦ ହୋଇପାରୁନି। ଶିକ୍ଷାନୁଷ୍ଠାନର ଶହେମିଟର ଦୂରରେ କୌଣସି ନିଶା କିମ୍ବା ତମାଖୁ ଜାତୀୟ ସାମଗ୍ରୀ ଦୋକାନ ରହିବ ନାହିଁ ବୋଲି ୨୦୦୩ରୁ ନିୟମ ରହିଥିଲେ ମଧ୍ୟ ଏହାକୁ କେହି ମାନୁନାହାନ୍ତି। ମାଳ ମାଳ ଦୋକାନ ଖୋଲିଛି ଏବଂ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ବେଳେ ଏହାର ବେଶ ଫାଇଦା ଉଠାଉଛନ୍ତି ବ୍ୟବସାୟୀ। ଏପରିକି ଲୁଚାଛପାରେ ଗଞ୍ଜେଇ ଓ ବ୍ରାଉନସୁଗର ବି ଏସବୁ ଦୋକାନରେ ମିଳୁଥିବା ଅଭିଯୋଗ ହେଉଛି। ଖୁସିର କଥା ଯେ ଓଡ଼ିଶା ସରକାର ଗତବର୍ଷ ଅଗଷ୍ଟ ମାସ ଠାରୁ 'ହ୍ୱାଇଟ ସ୍ୱାଇଡର' ନାମରେ ଏକ ବିଶେଷ ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ଅବକାରୀ ଗୁଇନ୍ଦା ତଥା ସାଧାରଣ ଜନତାଙ୍କଠାରୁ ସୂଚନା ଭିତ୍ତିରେ ବହୁ ନିଶା ମାଫିଆ ଧରାପଡ଼ିଲେଣି। ଦିନକୁଦିନ ଏହିଭଳି କଡ଼ାକଡ଼ି ତନଖି ଚାଲିଛି ଏବଂ କୋଟି କୋଟି ଟଙ୍କାର ଧଳା ଜହର ବା ହେରୋଇନ, ଚରସ ଓ ବ୍ରାଉନ ସୁଗର ଧରା ପଡ଼ିସାରିଲାଣି। ଅବଶ୍ୟ ଏଥିରେ ଆନ୍ତଃରାଜ୍ୟ ମାଫିଆ ଗୋଷ୍ଠୀ ଅନ୍ତର୍ଭୁକ୍ତ। ଆମ ରାଜ୍ୟରେ ରାଜ୍ୟ ସରକାରଙ୍କ 'ହ୍ୱାଇଟ ସ୍ୱାଇଡର' ଅଭିଯାନ ସହିତ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଜଗି ରହିଛନ୍ତି ଏବଂ ବହୁପୂର୍ବରୁ ସଂଗଠିତ ଭାବେ କାମ କରୁଥିବା ନିଶାମୁକ୍ତି ଅଭିଯାନ ମଧ୍ୟ ସକ୍ରିୟ ରହିଛି। ପରିତାପର ବିଷୟ ହେଲା, ଯେଉଁମାନେ ତମାଖୁ ନିରୋଧୀ ନିୟମର ଖୋଲାଖୋଲି ଉଲଂଘନ କରୁଛନ୍ତି ସେମାନଙ୍କ ପ୍ରତି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଉଛି। କେବଳ ଶିକ୍ଷାନୁଷ୍ଠାନ ବାହାରେ ନୁହେଁ, ବରଂ କ୍ୟାମ୍ପସ ଭିତରେ ମଧ୍ୟ ସିଗାରେଟ୍, ଗୁଟୁଖା କାରବାର ଖୋଲାରେ ଚାଲିଛି। କେତେକ ଦୋକାନରେ ଲୁଚାଛପାରେ ମଦ, ଗଞ୍ଜେଇ ମଧ୍ୟ ବିକ୍ରି ହେଉଛି। ରାଜ୍ୟସାରା ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏସବୁ ଦେଖୁଥିଲେ ମଧ୍ୟ ଚୁପ ରହୁଛନ୍ତି। କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ତମାଖୁ ନିୟନ୍ତ୍ରଣ କମିଟିକୁ ଦିଆଯାଇଥିଲେ ମଧ୍ୟ କମିଟି ନିରବଦ୍ରଷ୍ଟା ସାଜିଛି। ମଝିରେ ମଝିରେ ଲୋକଦେଖାଣିଆ ଭାବେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ କେବଳ ଜୋରିମାନା ଆଦାୟ କରାଯାଏ। ତା'ପରେ ଯଥା ପୂର୍ବଂ ତଥା ପର ନୀତିରେ ପୁଣି ବେପାର ଚାଲେ। ସୂଚନା ଅନୁସାରେ କ୍ୟାମ୍ପସକୁ ଡ୍ରଗ୍ସ, ତମାଖୁ ଓ ମଦ୍ୟପାନମୁକ୍ତ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ଅଧୀନରେ ଥିବା ସରକାରୀ ଓ ଅନୁଦାନପ୍ରାପ୍ତ କଲେଜର କୌଣସି ପ୍ରଫେସର, ଅଧ୍ୟାପକ କିମ୍ବା କର୍ମଚାରୀମାନେ ଯଦି ମଦ୍ୟପାନ/ନିଶା ସେବନ କରି କ୍ୟାମ୍ପସକୁ ଆସନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବ୍ୟବସ୍ଥା ରହିଛି। ଆଇନ ଅନୁଯାୟୀ କ୍ୟାମ୍ପସ ନିକଟରୁ ତମାଖୁ ଦୋକାନ ହଟାଇବା ଲାଗି ପୁଲିସ ସହାୟତାରେ ଚଢ଼ଉ କରାଯିବାକୁ କଡ଼ା ନିର୍ଦ୍ଦେଶ ରହିଛି। କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ମାର୍ଗଦର୍ଶିକା ସଂଶୋଧନ ନିୟମକୁ କଡ଼ାକଡ଼ି ଲାଗୁ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା ସଦସ୍ୟଙ୍କୁ ଗୁରୁଦାୟିତ୍ୱ ଦିଆଯାଇଥିଲା। ପନ୍ଦର ଦିନ କିମ୍ବା ମାସକୁ ଅତିକମରେ ଥରେ ସଚେତନତା କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା। କେତେକ ଶିକ୍ଷାନୁଷ୍ଠାନରେ କାଁ ଭାଁ ସଚେତନତା କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ନିଶା ରୋକିବା ପାଇଁ କ୍ୟାମ୍ପସଗୁଡ଼ିକରେ ଆଖିଦୃଶିଆ ପଦକ୍ଷେପ ନିଆଯାଉନି। ଯଦି ଆମେ ଆମର ଭବିଷ୍ୟ ପିଢ଼ିକୁ ଏକ ନିଶ୍ଚିତ ମୃତ୍ୟୁଯନ୍ତାରୁ ରକ୍ଷା କରିବାକୁ ଚାହୁଁଥିବା, ତେବେ ଏହି 'ଧଳା ବୁଢ଼ିଆଣୀ' ବନାମ 'ମାଟିଆ ଚିନି' ଅଭିଯାନରେ ରାଜ୍ୟ ଅବକାରୀ ବିଭାଗ ସହିତ ଖୋଲାଖୋଲି ସହଯୋଗ କରିବା ଅତ୍ୟାବଶ୍ୟକ। ପାଖ ପଡ଼ୋଶୀ, ବଜାର, ଦୋକାନରେ ଯେଉଁଠି ବି ନିଶା ଦ୍ରବ୍ୟ କାରବାରର ଆଭାସ ମିଳିବ, ତାହା ଆମେ ସରକାରଙ୍କ ଦ୍ୱାରା ବିଶେଷ ଭାବେ ପ୍ରଚାରିତ ହ୍ୱାଟସଆପ ନଂରେ ତତ୍କ୍ଷଣାତ ଜଣାଇବା ଦରକାର। ନ ହେଲେ ଧୀରେ ଧୀରେ ଏହି ଧଳା ଓ ମାଟିଆ ଜହର ଅକ୍ଟୋପସର ପଞ୍ଝା ବିସ୍ତାର କରି ଆମ ଯୁବ ସମାଜକୁ କବଳିତ କରିଦେବ। ସଭ୍ୟ ସମାଜରେ ଜନଜାଗୃତି ସବୁପ୍ରକାର ଦୁର୍ନୀତି ଓ ଦୁଷ୍କର୍ମକୁ ବିରୋଧ କରିବା ପାଇଁ ସବୁଠାରୁ ପ୍ରଭାବୀଶକ୍ତି ଭାବେ ଯୁଗେ ଯୁଗେ ପରିଚିତ। ଆମେ ଆଜି ସେହି ଶକ୍ତିକୁ ଆହ୍ୱାନ କରୁଛୁ ଯେ ଆମ ରାଜ୍ୟକୁ ଓ ଦେଶକୁ ନିଶା ଅଜଗରର କବଳରୁ ମୁକ୍ତି ଦେବା ପାଇଁ ସମସ୍ତେ ଅଣ୍ଟା ଭିଡ଼ି 'ଧଳା ବୁଢ଼ିଆଣୀ ବନାମ ମାଟିଆ ଚିନି' ଅଭିଯାନର ସ୍ୱଂୟସେବକ ଓ ସୈନିକ ଭାବେ ସମାଜ ରକ୍ଷା ପାଇଁ ଆଗେଇ ଆସନ୍ତୁ। ଓଡ଼ିଶା ଅବକାରୀ ଅଧିନିୟମରେ ମଦ ବ୍ୟବସାୟ ଲାଗି ଯେଉଁ ସ୍ଥାନ ଓ ବ୍ୟକ୍ତିଙ୍କ ଉପରେ କଟକଣା ରହିଛି, ବସ୍ତୁତଃ ସେହି ନିଷିଦ୍ଧାଞ୍ଚଳଗୁଡ଼ିକରେ ଏଭଳି ଅଭିଯାନକୁ ବ୍ୟାପକ କରାଯିବା ଆବଶ୍ୟକ। ୨୦୧୩ ଏପ୍ରିଲରେ ରାଜ୍ୟ ସରକାର ଘୋଷଣା କରିଥିବା ରାଜ୍ୟ ଯୁବନୀତିରେ ଯୁବପିଢ଼ି ମଧ୍ୟରେ ନିଶା ଓ ଅନ୍ୟ ମାଦକ ଦ୍ରବ୍ୟ ପ୍ରସାର ନେଇ ଉଦବେଗ ପ୍ରକାଶ କରାଯିବା ସହିତ 'ନିଶାମୁକ୍ତ ଗ୍ରାମ' ପ୍ରତିଷ୍ଠା ଲାଗି କୁହାଯାଇଥିଲେ ମଧ୍ୟ ନିଶା ନିବାରଣ ପାଇଁ ଆନ୍ତରିକତା ଅଭାବରୁ ଯୁବନୀତିର ଏହି ଆଭିମୁଖ୍ୟ ସଫଳ ହେବା ପରିବର୍ତ୍ତେ ବିଫଳ ହେଉଛି। ତେଣୁ ଯଦି ସରକାର ପକ୍ଷରୁ ଏସବୁ ନିୟମକୁ କଡ଼ାକଡ଼ି ପାଳନ କରାଯିବା ସହିତ ଉଲଂଘନକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତେବେ ଯାଇ କ୍ୟାମ୍ପସ ନିଶାମୁକ୍ତ ହୋଇପାରିବ।

## ନାଗରିକ ନ୍ୟାୟ ସଂହିତା

### ଯୁଧିଷ୍ଠିର ମହାରଣା



ଆଜି ଅର୍ଥାତ୍ ଜୁଲାଇ ପହିଲାରୁ ଦେଶରେ ଲାଗୁହେଉଛି ନାଗରିକ ନ୍ୟାୟ ସଂହିତା। ଏହା ସହିତ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ଆଇପିସି, ସିଆରପିସି ଓ ଇଣ୍ଡିଆନ ଏଭିଡ଼େନ୍ସ ଆକ୍ଟ ଭଳି ବ୍ରିଟିଶ ନିୟମ ହଟିଯିବ। ଏନେଇ ଗତ ଫେବୃଆରୀ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିବପା ବେଳେ କିଛିଦିନ ତଳେ କେନ୍ଦ୍ର ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ଡିସେମ୍ବର ମାସରେ ସଂଶୋଧିତ ହୋଇଥିବା ନୂଆ ଆଇନ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷୀ ଅଧିନିୟମକୁ ଲାଗୁ କରିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେଣୁ ଆଉ ପୁରୁଣା ଆଇପିସି ଓ ସିଆରପିସି ଲାଗୁ ହେବନାହିଁ। କ୍ରାଇମ, କ୍ରିମିନାଲ, ଟ୍ରାକିଂ ବା ସିସିଟିଏନଏସରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ। ଏଥିପାଇଁ ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ଓ ଷ୍ଟେଟ କ୍ରାଇମ ରେକର୍ଡ଼ ବ୍ୟୁରୋରେ ବ୍ୟାପକ ପରିବର୍ତ୍ତନ କରାଯାଉଛି। ନୂଆ ଆଇନ ଓ ପୁରୁଣା ନିୟମ ମଧ୍ୟରେ ଅନେକ ଫରକ ରହିଛି। ପୁରୁଣା ନିୟମରେ ଅପରାଧକୁ ଗୁରୁତ୍ୱ ଦିଆଯାଇଥିଲା। ହେଲେ ଲାଗୁହେବାକୁ ଯାଉଥିବା ନୂଆ ଆଇନ ବ୍ୟବସ୍ଥାରେ ନ୍ୟାୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମାନବାଧିକାର ଓ ତଦନ୍ତରେ କିଭଳି ଆଧୁନିକ ଜ୍ଞାନ କୌଶଳ ବ୍ୟବହାର କରାଯିବ, ଆବଶ୍ୟକ ସମୟରେ କିପରି ଅଧିକ ଶକ୍ତି ବିନିଯୋଗ କରାଯିବ, ନୂଆ ଆଇନରେ ସେ ପ୍ରାବଧାନ ରହିଛି। ନୂଆ ଆଇନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଛି।

ବ୍ରିଟିଶ ଶାସନ କାଳରୁ ପ୍ରଚଳିତ ଭାରତୀୟ ପିଙ୍ଗଳ କୋଡ଼, ଫୌଜଦାରୀ ଦଣ୍ଡବିଧି ଆଇନ ଏବଂ ଭାରତୀୟ ସାକ୍ଷ୍ୟ ଆଇନ ଇତିହାସ ପାଲଟିବ। ଏହା ସ୍ଥାନରେ କେନ୍ଦ୍ର ସରକାର ଆଣିଥିବା ତିନି ନୂଆ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ କରାଯିବ। ନୂଆ ଫୌଜଦାରୀ ଆଇନରେ ଆଧୁନିକ ନ୍ୟାୟ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଇଛି। ଏଥିରେ ଜିରୋ ଏଫଆଇଆର , ଅନଲାଇନ ଯୋଗେ ପୁଲିସରେ ଅଭିଯୋଗ, ଇଲେକ୍ଟ୍ରୋନିକ ମୋଡ଼ ଯଥା ଏସଏମଏସରେ ସମନ ଏବଂ ଜଘନ୍ୟ ଅପରାଧରେ ଘଟଣାସ୍ଥଳର ଭିଡ଼ିଓ ଗ୍ରାଫିକୁ ବାଧ୍ୟତାମୂଳକ କରାଯାଇଛି। ଅପରାଧ କ୍ଷେତ୍ରରେ ବ୍ରିଟିଶ ଶାସନ ସମୟରୁ ପ୍ରଚଳିତ ଆଇନରେ ଦଣ୍ଡ ବିଧାନକୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ ନୂଆ ଆଇନରେ ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦିଆଯାଇଛି। ଏହି ନୂଆ ଆଇନ ଭାରତୀୟଙ୍କ ଦ୍ୱାରା, ଭାରତୀୟଙ୍କ ପାଇଁ ଓ ଭାରତୀୟ ସଂସଦରେ ଅଣାଯାଇଛି ଏବଂ ଏହା ଔପନିବେଶିକ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାର ଅନ୍ତ ଘଟାଇବ। ଇଂରେଜ ଶାସନ ସମୟରୁ ପ୍ରଚଳିତ ଆଇପିସିରେ ମୋଟ ୫୧୧ଟି ଧାରା ରହିଥିଲା ବେଳେ ତାର ସ୍ଥାନ ନେବାକୁ ଯାଉଥିବା ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଧାରା ରହିଛି। ସଂଶୋଧନ ମାଧ୍ୟମରେ ସେଥିରେ ୨୦ଟି ନୂଆ ଅପରାଧକୁ ସାମିଲ କରାଯାଇଛି। ୩୩ଟି ଅପରାଧରେ ଦଣ୍ଡବିଧାନ ବଢ଼ାଯାଇଥିଲା ବେଳେ ୮୩ଟି ଅପରାଧରେ ଜରିମାନା ରାଶି ବୃଦ୍ଧି କରାଯାଇଛି। ୨୩ଟି ଅପରାଧରେ ସର୍ବନିମ୍ନ ଦଣ୍ଡାରପ୍ରାବଧାନ ରହିଛି। ଏଥିସହ ୬ଟି ଅପରାଧ ପାଇଁ ଗୋଷ୍ଠୀ ସେବା କରିବାର ଆଇନଗତି ବ୍ୟବସ୍ଥା ରଖାଯାଇଛି। ସେହିଭଳି ଫୌଜଦାରୀ ଦଣ୍ଡ ସଂହିତା ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା କାର୍ଯ୍ୟକାରୀ ହେବ। ସିଆରପିସିରେ ମୋଟ ୪୮୪ଟି ଧାରା ରହିଥିଲା ବେଳେ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ ଧାରା ରହିଛି। ନୂଆ ଆଇନରେ ୧୭୭ଟି ଧାରାକୁ ବଦଳାଯାଇଥିବା ବେଳେ ୩୯ଟି ନୂଆ ଅପରାଧକୁ ସାମିଲ କରାଯାଇଛି। ଏଥିସହ ୩୫ଟି ଧାରାର ସମୟ ସୀମା ସ୍ଥିର କରାଯାଇଛି। ସେହିଭଳି ଇଂରେଜ ଶାସନ ସମୟରୁ ପ୍ରଚଳିତ ଭାରତୀୟ ସାକ୍ଷ୍ୟ ଆଇନରେ ମୋଟ ୧୬୭ଧାରା ରହିଥିଲା ବେଳେ ନୂଆକରି ଅଣାଯାଇଥିବା ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ ଧାରା ଅର୍ଥାତ୍ ୩ଟି ଅଧିକ ଧାରା ସ୍ଥାନ ପାଇଛି। ତେବେ ନୂଆ ଆଇନରେ ୨୪ଟି ଧାରାକୁ ସଂଶୋଧନ କରାଯାଇଛି। ଦେଶଦ୍ରୋହ ପାଇଁ ଆଇପିସିରେ ଧାରା ୧୨୪ ଲାଗୁ ହେଉଥିବା ବେଳେ ନୂଆ ଆଇନରେ ଧାରା ୧୫୨ ଲାଗୁ କରାଯିବ। ବେଆଇନ ଭାବେ ଏକତ୍ରିକ ହେବା ପାଇଁ ଧାରା ୧୪୪ ସ୍ଥାନରେ ୧୮୯ ଲାଗୁ ହେବ। ହତ୍ୟା ପାଇଁ ପୂର୍ବରୁ ଧାରା ୩୦୨ ଲାଗୁ ହେଉଥିଲା ବେଳେ ଏବେ ୧୦୧ ଲାଗୁ କରାଯିବ। ହତ୍ୟା ଉଦ୍ୟମ ପାଇଁ ଧାରା ୩୦୭ ରହିଥିଲାବେଳେ ବର୍ତ୍ତମାନ ଧାରା ୧୦୯ ଲାଗିବ। ବଳାତ୍କାର ପାଇଁ ଧାରା ୩୭୬ ଲାଗୁ ହେଉଥିଲା। କିନ୍ତୁ ଏବେ ଧାରା ୬୩ ଲାଗୁ ହେବ। ସେହିଭଳି ମାନହାନି ପାଇଁ ଧାରା ୩୯୯ ଲାଗୁଥିଲାବେଳେ ନୂଆ ଆଇନ ଅନୁସାରେ ଧାରା ୩୫୬ ଲାଗୁ କରାଯିବ। ପୂର୍ବ ଠକେଇ ଲାଗି ଧାରା ୪୨୦ ଲାଗୁଥିଲା ବର୍ତ୍ତମାନ ଧାରା ୩୧୬ ଲାଗିବ।

୧୮ ବର୍ଷରୁ କମ ହେଲେ ଶିଶୁ ୬ଟି ଅପରାଧରେ ଦୋଷୀ ହେଲେ ଗୋଷ୍ଠୀ ସେବା ଦଣ୍ଡ : ଔପନିବେଶିକ ଚିନ୍ତାଧାରାରୁ ମୁକ୍ତି ପାଇଁ ନୂଆ ଆଇନ ଉଦ୍ଦିଷ୍ଟ। ଭାରତୀୟ ନ୍ୟାୟ ସଂହିତାରେ ୨୦ଟି ଅଧ୍ୟାୟ ରହିଛି। ୩୫୮ ଧାରା ସ୍ଥାନ ପାଇଛି। ଆଇପିସିରେ ୨୩ଟି ଅଧ୍ୟାୟ ରହିଥିବାବେଳେ ୫୧୧ ଦଫା ରହିଛି। ପୁରୁଣା ଆଇନର ବହୁ ଦଫା ନୂଆ ଆଇନରେ ସ୍ଥାନ ପାଇଛି। କେତେକ ନୂଆ ଯୁଗ ଅନୁସାରେ ଅଲୋଡ଼ା ତଥା ଅନାବଶ୍ୟକ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ବହୁ ଅପରାଧ ପାଇଁ ଜେଲ ଓ ଅର୍ଥ ଦଣ୍ଡ ବୃଦ୍ଧି କରାଯାଇଛି। ୩୩ଟି ଅପରାଧରେ ଦଣ୍ଡ ବୃଦ୍ଧି କରାଯାଇଛି। ସେହଭଳି ଭାବେ ୮୩ଟି ଅପରାଧରେ ଅର୍ଥ ଦଣ୍ଡ / ଜରିମାନା ପରିମାଣ ବୃଦ୍ଧି କରାଯାଇଛି। ୬ଟି ଅପରାଧରେ ଦୋଷୀ ପାଇଁ କମ୍ୟୁନିଟି ସର୍ଭିସ ବା ଗୋଷ୍ଠୀସେବା ଭଳି ଦଣ୍ଡ ବ୍ୟବସ୍ଥା ରହିଛି। ଆଉ ମର୍ଡ଼ର ପାଇଁ ଦଫା ୩୦୨ରେ ମୃତ୍ୟୁଦଣ୍ଡ ପ୍ରଦାନ କରାଯିବ ନାହିଁ। ମର୍ଡ଼ର ପାଇଁ ନୂଆ ଆଇନର ଧାରା ୧୦୩ (୧)ରେ ମୃତ୍ୟୁ ଦଣ୍ଡ ପ୍ରଦାନ କରାଯାଇ ପାରିବ। ପୁରୁଣା ଆଇନର ୧୨୪-କ ରାଜଦ୍ରୋହ ଦଫାକୁ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିରୋଧରେ କାର୍ଯ୍ୟ ପାଇଁ ନୂଆ ଆଇନର ଧାରା ୧୫୨ରେ ଆଜୀବନ ଦଣ୍ଡ ପ୍ରଦାନ କରାଯାଇ ପାରିବ। ପରିବେଶ ପ୍ରଦୂଷଣ, ମାନବ ଚାଲାଣ ଘଟଣା ପାଇଁ ନୂଆ ଆଇନରେ ଦଣ୍ଡ ବ୍ୟବସ୍ଥା କରାଯାଇଛି। ମହିଳା, ଶିଶୁ, ରାଷ୍ଟ୍ରକୁ ପ୍ରାଧାନ୍ୟ ଦିଆଯାଇଛି। ୧୮ ବର୍ଷରୁ କମ ବୟସ୍କଙ୍କୁ ଶିଶୁ ଭାବେ ଗ୍ରହଣ କରାଯିବ। ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ନୂଆ ଆଇନରେ ପୀଡ଼ିତଙ୍କ ଅଧିକାର ସହିତ ଅଭିଯୁକ୍ତର ଅଧିକାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଜଣେ ଅଭିଯୁକ୍ତକୁ ନିରବ ରହିବାର ଅଧିକାର ପ୍ରଦାନ କରାଯାଇଛି। କାରଣ ଉଲ୍ଲେଖ କରି ଗିରଫଦାରୀ କରାଯିବ। ପୁଲିସକୁ ଅଧିକ କ୍ଷମତା ଦିଆଯାଇଛି। ବିନା ଗିରଫ ପରୱାନାରେ ପୁଲିସ ବହୁ ମାମଲାରେ ଗରିଫ କରିପାରିବ। ମାମଲାର ତଦନ୍ତ ବେଳେ କୌଣସି ସ୍ଥାନର ଖାନତଲାସ, ସାମଗ୍ରୀ ଜବତ ଇତ୍ୟାଦି ପ୍ରକ୍ରିୟାର ଅଡ଼ିଓ ଭିଡ଼ିଓ ରେକର୍ଡ଼ିଂ କରାଯିବ। ଭାରତୀୟ ସାକ୍ଷ୍ୟ ଅଧିନିୟମରେ ଟେଲିଗ୍ରାମ ଶବ୍ଦକୁ ଉଚ୍ଛେଦ କରାଯାଇଛି। ଇଲେକ୍ଟ୍ରୋନିକ ଓ ଡିଜିଟାଲ ରେକର୍ଡ଼ର ଗ୍ରହଣୀୟତା ଉପର ଗୁରୁତ୍ୱାରୋପ କରାଯାଇଛି। ମୌଖିକ ବୟାନ ଇଲେକ୍ଟ୍ରୋନିକାଲ ଜଣେ ଦେଇ ପାରିବ।


+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,

ମୋ : ୯୪୩୭୧୬୩୫୨୮


## ଭାଗବତ ଟୁଙ୍ଗିରେ ମହାପ୍ରଭୁ

### ଉଦୟ କୁମାର ଦାସ

ମହାପ୍ରଭୁ ସର୍ବମାନ୍ୟ। ତାଙ୍କ ପାଖରେ ନଥାଏ ଜାତି-ଧର୍ମର ଭେଦଭାବ। ସେ ସବୁରି ଘରେ ପୂଜିତ ହୁଅନ୍ତି। ଭକ୍ତର ଭାବନାରେ ସେ ସବୁବେଳେ ରହିଥାନ୍ତି। ସେଥିପାଇଁ କୁହାଯାଏ ଭାବକୁ ନିକଟ, ଅଭାବକୁ ଦୂର। ମହାପ୍ରଭୁଙ୍କ ପ୍ରତି ଆବ୍ରାହ୍ମଣଚାଣ୍ଡାଳ ସମସ୍ତେ ହୋଇପଡ଼ନ୍ତି ସମର୍ପିତ। ତାଙ୍କ ପ୍ରତି ଏହି ଭାବ ସୃଷ୍ଟି କରିବା ଓ ତାଙ୍କୁ ସର୍ବମୟ ଭାବେ ପ୍ରତିପାଦିତ କରିବାରେ ଓଡ଼ିଶାର କିଛି ପ୍ରମୁଖ ପରମ୍ପରା ନିର୍ବାହ କରିଛନ୍ତି ଗୁରୁ ଦାୟିତ୍ୱ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ.ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀଜଗନ୍ନାଥ ଗଣଦେବତା ଭାବେ ସମଗ୍ର ରାଷ୍ଟ୍ରରେ ଗୃହୀତ ହେବା ପଛରେ ୩ଟି ପରମ୍ପରା ମୁଖ୍ୟତଃ ରହିଛି। ସେଥିମଧ୍ୟରୁ ପ୍ରଥମଟି ହେଉଛି - ଶ୍ରୀଜଗନ୍ନାଥ ଚେତନାକୁ ଆଧାର କରି ରହିଥିବା ଗୁରୁଗୋସାଇଁ ପରମ୍ପରା। ଏହାକୁ ଶ୍ରୀକ୍ଷେତ୍ରର କୌଳିକ ପରମ୍ପରା ମଧ୍ୟ କୁହାଯାଏ। କୌଳିନ୍ୟ ରକ୍ଷା ବା କୂଳ ପରମ୍ପରା ରଖିବା କରିବା ପାଇଁ ମହାପ୍ରଭୁଙ୍କ ସେବାୟତଙ୍କୁ ଗୁରୁ ଗୋସାଇଁଙ୍କ ଠାରୁ ଦୀକ୍ଷା ନେବାକୁ ହୁଏ। ଏବେ ବି ଅନେକାଂଶରେ ଏହାର ପ୍ରଚଳନ ରହିଛି। ଦୀକ୍ଷା ନେଇ ସେବା କରି ଆସୁଥିବା ବୟସ୍କ ସେବକମାନେ ବିନା ଦୀକ୍ଷାରେ ସେବାକୁ ବାରଣ କରନ୍ତି। କାରଣ ଗୁରୁ ଗୋସାଇଁ ଶିଷ୍ୟଙ୍କୁ ଦୀକ୍ଷା ଦେବା ପୂର୍ବରୁ ସେବା କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରାନ୍ତି। ସେବା କାଳରେ ସମର୍ପଣ ଭାବ ରଖିବାକୁ ଜ୍ଞାନ ଦିଅନ୍ତି। ବ୍ୟତିକ୍ରମକୁ ଅପରାଧ ବୋଲି ଦର୍ଶାଇ ତା'ପ୍ରତି ସତର୍କ କରାଇ ଦିଅନ୍ତି। ମୁଁ ପରଂବ୍ରହ୍ମଙ୍କ ସେବା କରିବାକୁ ଯାଉଛି। ଏପରି ଏକ ଦାୟିତ୍ୱବୋଧ ସୃଷ୍ଟି କରିବାକୁ ଗୁରୁ ଦେଉଥିଲେ ଜ୍ଞାନ। ଏହି ସେବାରେ ସାମାଜିକ ଶୃଙ୍ଖଳା ଠିକ୍ ଭାବେ ପାଳିତ ହେଉଥିଲା। ଗଜପତିଙ୍କ ଠାରୁ ପ୍ରଜାଙ୍କ ପର୍ଯ୍ୟନ୍ତ, ସାଧୁସନ୍ଥଙ୍କ ଠାରୁ ମହନ୍ତ ତଥା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସେବା କାଳରେ ଗୋଟିଏ ଚେତନାରେ ବାନ୍ଧି ଦେବାରେ ସେବକଟିଏ ସମର୍ଥ ହେଉଥିଲା। ସମସ୍ତଙ୍କୁ ପ୍ରଭୁଙ୍କ ପ୍ରତି ଅନୁରକ୍ତ କରାଇବାରେ ସେ ସଫଳ ହେଉଥିଲା। ତେଣୁ ମହାପ୍ରଭୁଙ୍କ ଚେତନାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାରେ ପ୍ରଥମେ ମୁଖ୍ୟ ବିନ୍ଧାଣି ହେଉଥିଲା ସେବକ। କୌଳିକ ରୀତିରେ ଏହା ପିଢ଼ି ପରେ ପିଢ଼ି ଚାଲି ଆସୁଥିଲା। ଗୁରୁ ଗୋସାଇଁ ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱ ଭାବେ ପରିଚିତ ହେଉଥିଲେ। ତାଙ୍କ ପାଇଁ ପୀଠଟିଏ ମଧ୍ୟ ସୃଷ୍ଟି ହୋଇଥିଲା। ଆଜି ତାହା ଗୁରୁ ଗୋସାଇଁ ମଠ ନାମରେ ପରିଚିତ। ଏହି ମଠ ଶ୍ରୀକ୍ଷେତ୍ରରେ ଶ୍ରୀ ଉପାସନାରେ ଆଦିମ ପୀଠ ଭାବେ ପରିଚିତ ଥିଲା।

ସେବାୟତମାନଙ୍କ ମଧ୍ୟରେ ସହାବସ୍ଥାନ ପରମ୍ପରାକୁ ଅତୁଟ ରଖିବା ପାଇଁ ଏହି ମଠ କାର୍ଯ୍ୟ କରୁଥିଲା। ଶହ ଶହ ବର୍ଷ ତଳେ ପ୍ରଚାର ପ୍ରସାରର ସୁବିଧା ନଥିଲେ ମଧ୍ୟ ଅଖଣ୍ଡ ଭାରତବର୍ଷର ନିପଟ ମଫସଲରେ ପ୍ରଭୁଙ୍କ କଥା ପହଞ୍ଚିପାରୁଥିଲା। ସେଥିପାଇଁ ମାନସିକ ଇଚ୍ଛାଶକ୍ତି କାର୍ଯ୍ୟ କରୁଥିଲା। ଏହି ଇଚ୍ଛାଶକ୍ତି ପଛରେ ରହିଥିଲା ସୁଦୃଢ଼ ଗୁରୁ ଗୋସାଇଁ ପରମ୍ପରା। ମହାପ୍ରଭୁ ଗଣଦେବତା ହେବାର ଦ୍ୱିତୀୟ ରହସ୍ୟଟି ହେଉଛି ଭାଗବତ ଟୁଙ୍ଗି ପରମ୍ପରା। ଅତିବଡ଼ୀ ଜଗନ୍ନାଥ ଦାସ, ଓଡ଼ିଶାରେ ଟୁଙ୍ଗି ପରମ୍ପରାର ଜନକ। ତାଙ୍କର ଅନ୍ୟ ସଖାମାନଙ୍କର ଏଥିପାଇଁ ୫୦୦ ବର୍ଷ ପୂର୍ବେ ସହଯୋଗ ମଧ୍ୟ ରହିଥିଲା। ପଞ୍ଚସଖାଙ୍କ ମିଳିତ ସହଯୋଗରେ ପ୍ରଥମେ ସେମାନେ ଏକ ନୂତନ ସନ୍ଦେଶ ବା ବାର୍ତ୍ତା ସମାଜକୁ ଦେଲେ। ତାହା ହେଉଛି ଶୁଦ୍ର ଭାବର ଚେତନା। ଶୂଦ୍ର ଭାବ ହେଉଛି ସେବକର ଭାବ। ସବୁଠାରୁ ଅଧିକ ପରିପକ୍ୱ ଲାଭ କରିଥିବା ଭକ୍ତିର ଭାବ। ସେମାନେ ନିଜକୁ ମହାପ୍ରଭୁଙ୍କ ଦାସ ବୋଲି ଘୋଷଣା ମହାପ୍ରଭୁଙ୍କ ନିକଟତର ହୋଇଗଲା। ଅତିବଡ଼ୀ ମହାଶୟ ଲାଳିତ୍ୟପୂର୍ଣ୍ଣ ଭାଗବତ ପୋଥି ସାଙ୍ଗରେ ଲବଣ୍ୟମୟ ଶ୍ରୀଜଗନ୍ନାଥଙ୍କର ଏକକ ବିଗ୍ରହଙ୍କୁ ଭାଗବତ ପୋଥି ସହିତ ଭାଗବତ ଟୁଙ୍ଗିରେ କରିଥିଲେ। ଏହି ବାର୍ତ୍ତା ହିଁ ଓଡ଼ିଆ ପ୍ରାଣରେ ଏକ ନୂତନ ଜୀବନର ସଞ୍ଚରଣ କରାଇଥିଲା। ଶୂଦ୍ର ବା ଦାସ ଭାବର ଡୋରୀରେ ଅତିବଡ଼ୀଙ୍କ ଭାଗବତ ହିଁ ବାନ୍ଧି ଦେଇଥିଲା ଗାଁରୁ ଗାଁ ପର୍ଯ୍ୟନ୍ତ। ବିଶାଳ ଓଡ୍ର ଖଣ୍ଡର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଭାଗବତର ନିପଟ ଓଡ଼ିଆ ଭାଷା ଓ ଲାଳିତ୍ୟ ପହଞ୍ଚିପାରିଥିଲା ଭାଗବତ ମାଧ୍ୟମରେ। ସାଧାରଣ ଅକ୍ଷର ଚିହ୍ନି ପଢ଼ି ପାରୁଥିବା ଗାଁ ଗହଳିର ଲୋକଟିଏ ମଧ୍ୟ ଭାଗବତ ମାଧ୍ୟମରେ ବସାଇଦେଲେ।

ସେହିଦିନ ଠାରୁ ଭାଗବତ ଟୁଙ୍ଗି ହୋଇଗଲା ସାଧାରଣ ଓଡ଼ିଆ ଲୋକଟିଏ ପାଇଁ ଶାନ୍ତି ବା ସମର୍ପଣର ସ୍ଥଳ। ଗାଁର ଭାଗବତ ଟୁଙ୍ଗି ପାଲଟିଗଲା ସଂହତିର ପ୍ରାଣକେନ୍ଦ୍ର। ସାମାଜିକ ସଂହତି, ଆଧାତ୍ମିକ ଚେତନା, ଭାଷାର ପରାକାଷ୍ଠା ଓ ପରମ୍ପରାର ପ୍ରତୀକ ରୂପେ ଭାଗବତ ଟୁଙ୍ଗି ମୁଣ୍ଡ ଟେକିଲା। ଜଗନ୍ନାଥଙ୍କୁ ଆଧାର କରି ଏହି ପ୍ରତୀକ ଗୁଡ଼ିକ ଗଢ଼ିବାରେ ଅତିବଡ଼ି ଜଗନ୍ନାଥ ଦାସଙ୍କର ତ୍ୟାଗର ପଟାନ୍ତର ନାହିଁ। ଏହା ଦିନକରେ ହୋଇନଥିଲା। ବର୍ଷ ବର୍ଷ ଲାଗିଥିଲା ଏହା ସମ୍ପୂର୍ଣ୍ଣ ଭାବେ ଠିଆ ହେବା ପାଇଁ। ଏହାପରେ ଗାଁର ସାଧାରଣ ଲୋକଟିଏ ଗାଇ ଉଠିଛି ଜଗନ୍ନାଥ ପ୍ରାଣ ଲୋକଗୀତ, ଯାହା ସୃଷ୍ଟି କରିଛି ଲୋକକଥା। ହଳିଆଗୀତ, ଚଇତିପର୍ବ ଗୀତ, କାନ୍ଦଣା ଗୀତ, ଚକୁଳିଆ ପଣ୍ଡା ଗୀତ, ଦାସକାଠିଆ ଓ ସଂକୀର୍ତ୍ତନ ଗୀତ। ଏହାରି ଭିତରେ ଫୁଟି ଉଠୁଥିଲା ଶ୍ରୀଜଗନ୍ନାଥ ଉପାସନାର ମହତ୍ୱ। ଅତିବଡ଼ୀ ଗୋସାଇଁଙ୍କର ଟୁଙ୍ଗି ପରମ୍ପରାରେ ଏହି ଐତିହ୍ୟର ବାସ୍ତବ ରହସ୍ୟ ଆଜି ବି ଓଡ଼ିଶାରେ ସଠିକ୍ ଭାବେ ଆକଳନ ହୋଇନାହିଁ କି ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ। ମହାପ୍ରଭୁ ଗଣଦେବତା ହେବାର ତୃତୀୟ ବିନ୍ଦୁଟି ହେଉଛି - ମହାପୁରୁଷମାନଙ୍କର ଗୁରୁକୁଳ ପରମ୍ପରା। ମହାପୁରୁଷ ଅଚ୍ୟୁତାନନ୍ଦ ଏହି ଗୁରୁକୁଳ ପରମ୍ପରାକୁ ବିକଶିତ କରାଇଥିଲେ। ଗୁରୁକୁଳ ପରମ୍ପରା ଓଡ଼ିଶାର କୋଣ ଅନୁକୋଣରେ ଏବେ ବି ସକ୍ରିୟ ରହିଛି। ଏହି ପରମ୍ପରାରେ ଗୁରୁ କହିଲେ ଅଚ୍ୟୁତଙ୍କୁ ହିଁ ଗ୍ରହଣ କରାଯାଏ। ମହାପୁରୁଷ ଅଚ୍ୟୁ ନିଜର ଗୁରୁ ରୂପେ ଶୂନ୍ୟ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିଲେ। ସେ ଥିଲେ ସିଦ୍ଧ ଯୋଗୀ। ଏବେ ବି ପାଞ୍ଚଶହ ବର୍ଷ ପରେ ଅଚ୍ୟୁତଙ୍କ ସତ୍ତା ପୋଥିମାନଙ୍କରୁ ଅନୁଭୂତ ହୁଏ। ବହୁଜନ ସୁଖାୟଃ ବହୁଜନ ହିତାୟଃ ଚେତନାର ଏକ ସମୃଦ୍ଧ ପରମ୍ପରା। ସେ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଶୂନ୍ୟ ଧାରାର ବାର୍ତ୍ତା ଦେଇଥିଲେ। ଏହି ଶୂନ୍ୟ ଧାରାରୁ ବହୁ ଉପଧାରା ଓଡ଼ିଶାରେ ସୃଷ୍ଟି ହୋଇଛି। ସେମାନେ ଇଷ୍ଟ ରୂପେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିବାବେଳେ ଗୁରୁ ରୂପେ ମହାପୁରୁଷ ଅଚ୍ୟୁତଙ୍କୁ ଗ୍ରହଣ କରନ୍ତି। କେବଳ ସେତିକି ନୁହେଁ, ଅଚ୍ୟୁତାନନ୍ଦଙ୍କ, ମାଳିକା, ଜ୍ୟୋତିଷ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓ ଅଜପା ଧାରାକୁ ନେଇ ଅନେକ ଗୁରୁ ପରମ୍ପରା ଓଡ଼ିଶାରେ ବିକାଶ ଲାଭ କରିଥିଲା। ଏହାକୁ ନେଇ ଅନେକ ସାହିତ୍ୟ ବି ସୃଷ୍ଟି ହୋଇଥିଲା, ଯାହା ଶ୍ରୀଜଗନ୍ନାଥଙ୍କର ନିଗୂଢ଼ ମାନବୀୟ ଦୃଷ୍ଟିକୋଣକୁ ନେଇ ସମୃଦ୍ଧ ହୋଇଅଛି। ତାହାର ଯଥାର୍ଥ ଆଲୋଚନା ଓଡ଼ିଶାରେ ଯେପରି ହେବା କଥା ତାହା ହୋଇପାରିନାହିଁ। ଏହି ପରମ୍ପରାରେ ଶତାଧିକ କାବ୍ୟ କବିତା, ଚଉତିଷା, ମାଳିକା ଓ ପୁରାଣ ଆଜି ପର୍ଯ୍ୟନ୍ତ ପ୍ରକାଶିତ ମଧ୍ୟ ହୋଇପାରିନାହିଁ। ଗୁରୁ ଗାଦିମାନଙ୍କର ଶହ ଶହ ପୋଥି ସେହିପରି ରହିଛି। ସେଥିରେ ଅନେକ ଦାର୍ଶନିକ ଚିନ୍ତାଧାରା ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନା ଧାରାର ଅନେକ ରହସ୍ୟ ଏପର୍ଯ୍ୟନ୍ତ ଲୁଚିରହିଛି। ତଥାପି ଏ ଗୁରୁ ପରମ୍ପରା ମହାପ୍ରଭୁଙ୍କୁ ଗଣଦେବତା କରାଇବାରେ ସଫଳ ହୋଇଥିଲା। ଓଡ଼ିଆ ଘରର ମୁରବୀ ଭାବେ ଜଗନ୍ନାଥଙ୍କୁ ଗ୍ରହଣ କରିବାର ପରମ୍ପରା ଏହି ଗୁରୁକୂଳ ପରମ୍ପରା ହିଁ ଶିକ୍ଷା ଦେଇଥିଲା।


+ବି/୨୮, କାଠଯୋଡ଼ି ଏନକ୍ଲେଭ, ସେକ୍ଟର-୯, ସିଡିଏ, କଟକ,

ମୋ : ୯୯୩୭୦୫୨୬୬୩


## କବିତା କୋଣାର୍କ

### ସପନ ବଣିକ

**ନିରଞ୍ଜନ ସାହୁ**

ତୁମେ ସପନର ସୌଦାଗର ସାଜି
ସପନ ବିପଣୀ କର
ସପନ ଶବ୍ଦକୁ ଭୁଲି ଗଲିଣି ମୁଁ
ମନ ଧରିଲାଣି ଘର ।

କାହିଁକି ସପନ ଦେଖିବି କହୁନ
ପୂରଣ ହେଉନି କିଛି
ସପନଟା ସତ ହେବନି ଜାଣିଛି
କହୁନାହିଁ ମିଛିମିଛି
ସ୍ୱପ୍ନ ମରୁଦ୍ୟାନୁ ଶୁଖି ଆସିଲାଣି
କଳ୍ପନାର ମରୁଝର ।

ଦିନଥିଲା ଦିନେ ସପନକୁ ନେଇ
କରୁଥିଲି ଆଲୋଚନା
ଆଜି କିନ୍ତୁ ସ୍ୱପ୍ନ ବହୁତ ଦୂରରେ
ହୁଏନାହିଁ ଆନମନା
ହେ ସପନ ! ତୁମେ କାହିଁ ଦୂରେଇଲ
ହେଲି ଯାହା ହରବର ।

ସପନ ଭରଇ ମନରେ ଆନନ୍ଦ
ଏହା ଦିନେ ଜାଣିଥିଲି
ଆଜି କିନ୍ତୁ ସ୍ୱପ୍ନ ବାଟ ଭାଙ୍ଗିଅଛି
କରି ମୋତେ କିଲିବିଲି
ହେ ସ୍ୱପ୍ନ ବଣିକ ! ଲୋଡ଼ାନାହିଁ ସ୍ୱପ୍ନ
ତୁମ ବାଟ ତୁମେ ଧର ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩


### ମେଘ ଛୁଆଁରେ

**ପ୍ରଶ୍ନ କୁମାର ଶତପଥୀ**

ଭାସିଯାଉଥିବା ମନଲୋଭା ମେଘ,
ଛିଞ୍ଚାଡ଼ି ଦେଉଛି ତଟୋପାନରେ ଝର,
ଶୂନ୍ୟ ନୀଳ ପୋଖରୀରେ
ପହଁରି ଖେଳୁଛି ନୀଳ ଆକାଶର ମେଘ
ଗତି ତା'ର ଥମିଗଲେ
ଅଜାଡ଼ି ଝରୁଛି ମଧୁର ବୃଷ୍ଟିଝର,

ଶୂନ୍ୟ ସାରା ମାତିଯାଇଛି ମେଘ
ଝରାଉଛି ପ୍ରୀତିକର ସଲିଳ,
ମେଘ ଝରୁଛି ବୋଲି
ମାଟି ଆର୍ଦ୍ର ହେଲା,
ଗଛଲତା, ପୁଷ୍ପ, ପଲ୍ଲବ, ଫଳ ଆଦି
ପାହାଡ଼, ପର୍ବତ, ଝରଣା, ନଈ ଆଦି
ପଶୁ ପକ୍ଷୀ, ସରୀସୃପ, ମାନବ ସବୁ
ମଧୁର ଜଳକୁ ଆକଣ୍ଠ ପାନ କଲେ,

ଦେହକୁ ବର୍ଷାରେ ଭିଜାଇ
ପବିତ୍ର କଲେ
ସବୁଜ ମାଟି ଆଉ
ପାହାଡ଼ିଆ କୋଳରେ
ମେଘ ଝରିଲା ବୋଲି
ଦେହ ଜଗତ ଅସହ୍ୟ ଗୁଳୁଗୁଳିରୁ
ନିସ୍ତାର ପାଇଗଲା ଅକ୍ଲେଶରେ ।

ମେଘ ବହୁ ଉପରେ ଥିଲା,
ଦୂରରେ ସମାହିତ ହେଉ ହେଉ
ନୟନରେ ଅଧୀରେ ଭାସୁଥିଲା,
ଝରିପାରୁନଥିଲା ବୋଲି
ନିଜକୁ ସେ ଶୂନ୍ୟରେ
କେତେଥର ହତ୍ୟା ବି କରିଥିଲା,

ପୁଣି କେତେଥର
ଖଣ୍ଡଖଣ୍ଡ ଦେହକୁ ଯୋଡ଼ିଥିଲା,
କିନ୍ତୁ ଝରିପାରିନଥିବାର ଭୟ ରଖି
ଶୂନ୍ୟରୁ ଛୁ ମଧ ହୋଇଥିଲା ।
ଆଜି ଅତି ନିକଟରେ ଥାଇ,
ଖୁସି ମନରେ ଝରୁଛି
ଝିରିଝିରି ଝରରେ
କୁନି ଶିଶୁଟିଏ ପରି,
ମେଘ ଛୁଆଁରେ ଧରିତ୍ରୀ
ପୂର୍ଣ୍ଣଗର୍ଭା ମନେକରୁଛି
ଦେହରୁ ଅଶେଷ ତାପ ହଜାଇ।


+ଥଦୁମାଡ଼ିହି, ଜାମଦା,
ମୟୂରଭଞ୍ଜ


### ମନେଅଛି କି ତୁମର

**ରମାକାନ୍ତ ଦାସ**

ମନେ ଅଛିକି ତୁମର
ତୁମ ସହ ବିତେଇଥିବା
ସେଇ ଅଭୁଲା ମୁହୂର୍ତ୍ତ
ବିଦାୟୀ ଆଖିରେ
ପୁଣି ଦେଖା ହେବାର ସର୍ତ୍ତ
ତୁମେ ଆସିଥିଲ
ସୁନେଲି ସ୍ୱପ୍ନଟିଏ ହୋଇ
ତୁମେ ଚାଲିଗଲ
ମଧୁର ଯନ୍ତ୍ରଣାଟିଏ ଦେଇ
କଅଁଳ ପାଖୁଡ଼ାରେ ମେଲୁଥିବା
ଆମ ପ୍ରେମ କାହାଣୀ
ଆଧରେ ଗଲା ରହି
ଭୁଲି ପାରିବି କି କୁହ...... ?
ମୋ ଛାତିତଳେ ଅଙ୍କୁରୁଥିବା
ତୁମ ଅନୁଭବ ମାନଙ୍କୁ
ତୁମ ମିଛ ରାଗରୁଷା ଅଭିମାନକୁ
ମୋ ମନ କାନଭାସ୍‌ରେ
ଆଙ୍କିଥିବା ତୁମର ପ୍ରତିଛବିକୁ ତୁମେ ,
ସ୍ୱପ୍ନଟିଏ ମୋ ଅତୀତର
ତୁମେ ସ୍ମୃତିଟିଏ
ମୋ ପ୍ରେମ କାହାଣୀର
ତୁମ ପାଇଁ
ମୁଁ ବିରହରେ ଜଳେ ପ୍ରତିଥର
ହେଲେ ଆଜି ବି
ମୁଁ ବୁଝି ପାରେନା
ଏ କଣ ଥିଲା.... ?
ପ୍ରେମ , ପ୍ରତିଶୃତି ନା ଛଳନା..... ?


+ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ବର୍ଷା ପ୍ରେମ !
### ରାଧାଶ୍ୟାମ ରାଉଳ



ବର୍ଷାକୁ ନେଇ ମୋର ଆଉ
କବିତା ଲେଖିବାର ନାହିଁ ..
ଥରେ ଦୁଇଥର ନୁହଁ,
ବାରମ୍ବାର ବାଟ ହୁଡ଼ିଛି ମୁଁ
ତା'ସାଥେ ସମ୍ପର୍କ ଯୋଡି,
ତା'ପ୍ରେମରେ ଅପଦସ୍ଥ ହୋଇ
କେଇବାର ପଡ଼ିଛି ମୁଁ ମୁହଁମାଡି !!

ବର୍ଷା ମୋର କୋଉ
ଏକାନ୍ତ ନିଜର ଯେ,
ତା'ଉପରେ ମୋର
ଏତେ ମାନ ଅଭିମାନ ?
ତା'ର ଆସିବା ନଆସିବାକୁ ନେଇ

ମୋର ତିଳେହେଲେ
ଚିନ୍ତା ଦକ ନାହିଁ !
ମୋ ନିଃସଙ୍ଗପଣକୁ ନେଇ
ମୁଁ ଗୋଟାପଣେ ସମୃଦ୍ଧ ଓ
ବେଶ୍ ସ୍ୱୟଂସମ୍ପୂର୍ଣ୍ଣ !

ଏଇତ ବର୍ଷା !
ଛୁଇଁବ ଛୁଇଁବ କହି

ମୋତେ ଛୁଇଁଦେଲା ହୋ !
ଧେତ୍, ସତ୍ୟାନାଶ୍ !

ତଥାପି ମୁଁ ତନ୍ମୟ/ ବିଭୋର !
ବର୍ଷା ପ୍ରେମରେ/ରୋମାଞ୍ଚରେ !!

ବର୍ଷା ମୋ ପ୍ରେମିକା !
ମୁଁ ସାରାରାତି ଭିଜୁଥିଲି,
ବର୍ଷାର ରିମ୍ ଝିମ୍ ରୋମାଞ୍ଚ ଓ
ଛମ୍ ଛମ୍ ଆଲିଙ୍ଗନରେ !!


♥ 'ଇନ୍ଦ୍ରଧନୁ'
ଡ୍ୟୁପ୍ଲେକ୍ସ: ୧୦/ବି
ବୀମାବିହାର, ମର୍କତନଗର
ସେକ୍ଟର:୬ କଟକ:୭୫୩୦୧୪
ମୋ: ୯୪୩୭୦୯୦୯୮୫


## ସୃଷ୍ଟି ଆଜି ହେବ ଛାରଖାର
### ପ୍ରଦୀପ୍ତ ଆଚାର୍ଯ୍ୟ



ହେ ଈଶ୍ୱର,
ତୁମେ କଣ ପାରୁନାହଁ ଦେଖି,
ତବ ଗଢା ସୃଷ୍ଟି ଆଜି ହେବ ଛାରଖାର ?
ରଚିଥିଲ ଷଡଋତୁ,
ଆଜି କିନ୍ତୁ ତିନିରେ ସିମୀତ,
ଜଳ, ବାୟୁ, ମୃତିକାତ,
ସବୁ ପ୍ରଦୂଷିତ,
ତବ ସର୍ବଶ୍ରେଷ୍ଠ ସୃଷ୍ଟି ମାନବ,
ଆଜି ଅଟେ ଭୀତତ୍ରସ୍ତ।
ଅଗ୍ନି ପିଣ୍ଡୁଳା ପାଲଟି, ଯାଇଛି ପୃଥିବୀ,
ଗଗନରୁ ଅଗ୍ନି ବର୍ଷା କରୁଛନ୍ତି ରବି,
କାହିଁକି ହେ ପ୍ରଭୁ ତୁମ୍ଭେ, ଏତେ ରୋଷ
କର ?
ତୁମେ କଣ ପାରୁନାହଁ ଦେଖି,
ତବ ଗଢା ସୃଷ୍ଟି ଆଜି ହେବ ଛାରଖାର ?
ନିଜ ଗୋଡେ ମାନବତ, କୁରାଢୀ ମାରୁଛି,
କଂକ୍ରିଟ ଜଙ୍ଗଲ ଏଠି ତିଆରି ଚାଲିଛି,
ପ୍ରାକୃତିକ ଜଙ୍ଗଲକୁ ସମୂଳେ ନାଶୁଛି।
ସର୍ବ କାର୍ଯ୍ୟ କାରଣର, ତୁମେହିଁତ କର୍ତା,
ମୂଢ ମାନବକୁ କାହିଁ, ଦିଅ ଏ କୁଚିନ୍ତା ?
ସୁନ୍ଦର ସୃଷ୍ଟିକୁ ପ୍ରଭୁ, ତୁମେ ତିଆରିଛ,
ଭଙ୍ଗା ଗଢା ତୁମ କାମ, ତୁମେତ କରୁଛ,
ସବୁ ଦେଖି, ସବୁ ଜାଣି,
କିଛି ନଜାଣିଲା ପରି,
ତୁମ୍ଭେ ମୁରୁକି ହସୁଛ।
କୁହ ପ୍ରଭୁ ଏହା, କିପ୍ରକାର ବିଚାର ତୁମ୍ଭର,
ତୁମେ କଣ ପାରୁନାହଁ ଦେଖି,
ତବ ଗଢା ସୃଷ୍ଟି ଆଜି ହେବ ଛାରଖାର ?


♥ ଶିକ୍ଷାବିତ୍,
ଇଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦


## ମୃଗତୃଷ୍ଣା
### ଅବନ୍ତୀ ପଣ୍ଡା



ମୃଣାଳ ଲୋଚନ କମଳା ରମଣ
ମାୟାରେ ରଚିଲେ ସୃଷ୍ଟି
ମାୟାଧରଙ୍କର ମାୟା ଜାଲେ ଛନ୍ଦା
ଏ ସାରା ବ୍ରହ୍ମାଣ୍ଡ ଗୋଟି ।
ଗରୁଡ଼ ପୃଷ୍ଠରେ ବିଜେ କରି ପ୍ରଭୂ
ଦେଖନ୍ତି ଦୁନିଆ ରୀତି
ଗଡିଚାଲି ଥାଏ ମାୟାର ଶଗଡ଼ି
ଗାଇ ଗାଇ ନୂଆ ଗୀତି ।
ତୁଚ୍ଛା ମରୀଚିକା ଏ ଜୀବନ ପଥ
ମନରେ ଜଗାଏ ଭ୍ରମ
ତାରି ବାକୁ ଏକା ପ୍ରଭୂ ନାମ ସାର
ତା ବିନା ସକଳ ବାମ ।

ଷଡ ରିପୁ ପରା ପ୍ରାଣକୁ ବଇରୀ
ଏ କଥାଟି ହୃଦେ ସ୍ମରି
ସତ୍ୟ ଅନୁସରି କର୍ମ କରି ଯିବା
ମୃଗ ତୃଷ୍ଣା ଭ୍ରମ ଛାଡି ।


♥ ଜଗତସିଂହପୁର
ମୋ: ୯୮୬୧୬୨୮୭୯୨




## ପୁଣ୍ୟାତ୍ମାଙ୍କ ସ୍ମରଣେ
### ମୀରା ବେଉରା



କେଉଁ ରକ୍ତ, ମାଂସ ଅସ୍ଥିମଜ୍ଜାରେ
ସତେ ଗଢ଼ାଥିଲା ତୁମ ଦେହ
ବିତିଛି ଅନେକ ମାସଦଣ୍ଡ ବର୍ଷ
'ଏ' ମାଟି ପାଇନି ତୁମପରି ବିଗ୍ରହ
ତୁମ ଲେଖନୀ ଆଙ୍କୁଥିଲା କେବଳ
ଜାତୀୟତାର ନିଖୁଣ ଛବି
ହୃଦୟ କିଆରୀରେ ବୁଣିଥିଲା
ସେବା, ପ୍ରେମ, ସତ୍ୟ, ଅହିଂସା,
ତ୍ୟାଗର ମି।
ହେ ଉତ୍କଳମଣି ସଂଗ୍ରାମ ତ ସରିନି
ପାହିନି ରାତି, ସକାଳ ହେବାକୁ
ଅନେକ ବାକି।
ଏ ଜାତିର କ୍ରାନ୍ତି ସିପାହୀ
ତୁମେ କେମିତି ପଡ଼ିଲ ଶୋଇ
ତୁମେ ଯେ ବିପ୍ଳବର ବହ୍ନି

ସଂକଳ୍ପର ପ୍ରତିଶ୍ରୁତିଟିଏ
ଜାତୀୟତାର ଅଗ୍ନୀଝୁଲଟିଏ
ପୁଣି ମାନବିକତାର ମନ୍ତ୍ରଟିଏ।
ହଜାଇଛି ମୁଁ କେବେଠୁ
ମୋର ସ୍ୱାଭିମାନକୁ।
ନିଇତି ବଞ୍ଚୁଛି ନେଇ
ତୁଚ୍ଛା ଅହମିକାକୁ
ତଥାପି ମୁଁ ହସୁଛି
କୁଶବିଦ୍ଧ ଯୀଶୁପରି
ଖୋଦାହୋଇଛି ମୋ' ଦେହେ ଦେଖ
ଅସହ୍ୟ ଯନ୍ତ୍ରଣାର କଣ୍ଟା ହୋଇ।

ସତ୍ୟର ସନ୍ଧାନରେ,
ମିଥ୍ୟାର ମାୟାଜାଲରେ
ମୁଁ ହାରିଛି ସତ

କେବେ ଲହୁଲୁହାଣ
କେବେ କ୍ଷତବିକ୍ଷତ
ତଥାପି ହାରିନି ମୁଁ ଯେ
ମୂକ ସାକ୍ଷୀ ଅଟେ
ଅବକ୍ତ ବେଦନା ମୋର
ଝୁରୁଛୁ ଏ ମାଟି ତୁମ ନିର୍ଭୀକ କଲମ ମୂନକୁ
ଖୋଜୁଛି ଦରଦୀ ହୃଦୟକୁ।
ପୋଛିଦେଇ ସବୁ ବର୍ବରତାକୁ
ଗଢ଼ିବି ତୁମପରି
ଏକ ଦିବ୍ୟାତ୍ମା ପୁଣ୍ୟାତ୍ମାକୁ।


♥ ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪


## ମହିମିତ ଐଶ୍ୱର୍ଯ୍ୟର ଦେବୀଟିଏ
### ଅନସୂୟା ପଣ୍ଡା



ସ୍ତ୍ରୀ-ମହିମିତ ଐଶ୍ୱର୍ଯ୍ୟର ଦେବୀଟିଏ
ଯେବେ ଚାହେଁ ନିଜକୁ ଢଳେଇ ପାରେ
ପରସ୍ତ ପରସ୍ତ କରି ସମୟର ଚଟାଣରେ
କିସ୍ତିକିସ୍ତି କରି ଚିତ୍ରିତ କରେ ଚରିତ୍ରକୁ
ମୁଠାଏ ମୁଠାଏ କରି ଫେଣ୍ଟେ ନିଜକୁ
ମଧୁମୟ ସଂସାରର ସଂଯୋଜନା ପାଇଁ
ନିଜ ସ୍ନେହ ମମତାର ସ୍ପର୍ଶ ଦେଇ।

ସେ ଯୋଗମାୟା ପରି
ବିସ୍ତାରିପାରେ ଆପଣାକୁ
ସଙ୍କଳ୍ପର କବଚରେ ତପସ୍ୟାର ତପୋବନକୁ
ଲଢିପଡେ ମୋହର ତ୍ରିଶୂଳ ଓ ଢାଲ ଧରି
ତା କକ୍ଷପଥର ଅସୁରୀୟ ଶକ୍ତିକୁ ସଂହାରି
ତିଆରେ ମୋହର ଅଳକାପୁରୀ।

ବାସେ ଦେହ ଓ ଦେହଳୀ ସେବା ସୁଗନ୍ଧରେ
ସୁମାର୍ଜିତ ଉଦାରତାରେ ଚିତ୍ତ ଭରେ
ଘରକୁ ମନ୍ଦିର କରି ପ୍ରେମର ବିଶାଳତାରେ
ବୈଦୂର୍ଯ୍ୟର ରଙ୍ଗଭରି ଶୃଙ୍ଖଳାର ଶୃଙ୍ଗାରରେ
ସଜାଏ ମନର ଚିତ୍ରପୁରୀ ଶୁଭ ଶଙ୍ଖନାଦେ।

ଖେଳିଯାଏ ଖୁସି ତା' ପ୍ରତ୍ୟୁଷ ଧୂପରେ
ସଭାବ ପବିତ୍ର ସୁଗନ୍ଧ ପରି ସଂପର୍କରେ
ଆଶାର ପ୍ରଦୀପ ଜାଳି ପ୍ରଦୋଷ ଦୀପରେ
ଆସକ୍ତି ଆତ୍ମବିଶ୍ୱାସ ଭରା ଆବେଗରେ
ମନାସୁଥାଏ କଲ୍ୟାଣାର୍ଥେ ଜୀବନ ସାରା
ଦିବ୍ୟ ସନ୍ତୋଷର ଦୁଇପାଦ ଧରା।


♥ ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧


## ମୃତ୍ୟୁ ପରେ....
### ଡ. ଦୀପ୍ତିମୟୀ ବେହେରା



ମୃତ୍ୟୁ ପରେ ଯିବି ଚାଲି
ଶ୍ମଶାନ ଭୂଇଁକୁ
ଭୁଲିଯିବି ସାଙ୍ଗସାଥି, ପରିବାର
ଆଉ ଗାଁ ମାଟିକୁ ।

ଛଅ ଖଣ୍ଡି ବାଉଁଶରେ
ବନ୍ଧାହେବ ମୋ କୋକେଇ
ଖଇ କଉଡ଼ି ବିଞ୍ଚି
ରାମନାମ ସତ୍ୟ ହେ କହି
ଜାଳିଦେବେ ମୋ ଜୁଇ ।

କ୍ରିୟାକର୍ମ ସାରି ଦେଇ
ଅସ୍ଥି ବିସର୍ଜନ କରି
ଭୁଲିଯିବେ ମୋତେ
ମୋ ଫଟକୁ କାନ୍ଥେ ଟାଙ୍ଗି
ଭାବୁଥିବେ ସମସ୍ତେ ।

ଫେରିବିନି ଆଉ ମୁଁ
ଜହ୍ନ ସାଥେ ହସିବାକୁ
ସବୁଦିନ ପାଇଁ
ରହିଯିବି ତାରା ହେଇ
ନ ଥିବି ମୁଁ କାନ୍ଦିବାକୁ ।

ମୁଁ ଜାଣେ....
ଠିକ ପୂର୍ବ ପରି ଶ୍ରାବଣ ଆସିବ
ମେଘ ବରଷିବ
ଆଉ ମୋ ଅଭୁଲା ସ୍ମୃତିକୁ ମନେ ପକାଇ
କେହି ଜଣେ....
କାନ୍ଦିକାନ୍ଦି ଭିଜୁଥିବ ।

ଚାତକ ପରି ଚାହିଁ ରହିଥିବ
ମୋ ଫେରିବା ପଥକୁ
ହେଲେ ମୁଁ ......
ଅଫେରା ରାଇଜରେ ଝୁରି ମରୁଥିବି
ମୋ ଲୋକକୁ
ଦେଖିବାକୁ ।

ସତେ କ'ଣ ହଜିଯିବି ମୃତ୍ୟୁର କୋଳରେ
ଆଉ ମୁଁ ବାନ୍ଧି ହେବିନି
ସାଂସାରିକ ମୋହମାୟାରେ
ଦେଖିବିନି ଆଉ କାହାକୁ
ଆଖି ବୁଜି
ଶୋଇଯିବି ଚିରନିଦ୍ରାରେ.....


♥ ଅଧ୍ୟାପିକା,
ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ,
କଟକ


## ବଡ଼ ଠାକୁର ଆଜି ବଡ଼ ଦାଣ୍ଡରେ
### ପ୍ରଶାନ୍ତ କୁମାର ନାଥ



ବଡ ଠାକୁର ଆଜି ବଡ ଦାଣ୍ଡରେ
ମାଉସୀ ଘରକୁ ଯିବେ ବରଷେ ପରେ
ବିଜେ କରି ପ୍ରଭୁ ଆଜି ନନ୍ଦିଘୋଷରେ
ବଡ଼ଦାଣ୍ଡେ ଚାଲୁଥିବେ ଭକତ ମେଳେ ।
ବଡ଼ଠାକୁର ଆଜି........
ଭାଇ ଭଉଣୀଙ୍କୁ ଜଗା ସାଥିରେ ନେଇ
ଯାଆନ୍ତି ମାଉସୀ ଘରେ ରହିବା ପାଇଁ
ନଅ ଦିନ ପରେ ପୁଣି ଆସିବେ ଫେରି
ବାହୁଡା ଜାତରେ କମ୍ପି ଉଠିବ ପୁରୀ
ଭିଡ଼ ଲାଗି ରହିଥିବ ଏହି ଧାମରେ
ମନ ନାଚୁଥିବ ଖାଲି ଜଗା ପ୍ରେମରେ
ବଡ଼ ଠାକୁର ବିଜେ......
ଅତି ପାଖୁ କରିବାକୁ ପ୍ରଭୁ ଦର୍ଶନ
ନାଚି ଯାଉଛି ଆଜି ଭକତ ମନ

ଭକତ ଭାବୁଛି ତାର ଧିକ ଜୀବନ
ନକରିଛି ଥରେ ଯିଏ ପ୍ରଭୁ ଦର୍ଶନ
ଦେଶ ବିଦେଶରୁ ଭକ୍ତ ଭକ୍ତି ଭାବରେ
ଉଭା ହୋଇଛନ୍ତି ଆଜି ପୁରୀ ଧାମରେ
ବଡ଼ଠାକୁର ଆଜି........
କିଏ ଭିଡ଼େ ଏଠି ତାଳଧ୍ୱଜକୁ
କିଏ ଭିଡୁଥାଏ ପୁଣି ନନ୍ଦିଘୋଷକୁ
ଆଉ କିଛି ଭକ୍ତ ମିଶି ଭିଡି ନିଅନ୍ତି
ସୁଭଦ୍ରାଙ୍କ ଦେବଦଳନ ରଥକୁ
ହରିବୋଲ ହୁଳହୁଳି ଥାଏ ତୁଣ୍ଡରେ
ଭକ୍ତ ମନ ଭରି ଥାଏ ପୁରା ନିଷ୍ଠାରେ
ବଡ଼ ଠାକୁର ଆଜି.......

ଶୁଭୁଥାଏ ଶଙ୍ଖ ଆଉ ଶୁଭେ ମୃଦଙ୍ଗ
ତାଳେ ତାଳେ ହଲୁଥାଏ ସଭିଙ୍କ ଅଙ୍ଗ
ଭାଇ ଭଉଣୀ ଆଜି ହୋଇକି ସଙ୍ଗ
ବିଞ୍ଚି ଦେଉଥାନ୍ତି କେତେ ଭାବର ରଙ୍ଗ
ପଣ୍ଡା ମାନଙ୍କର ଆଜି ବେତ ମାଡରେ
ବଡ଼ଦାଣ୍ଡ କମ୍ପେ ହୋ ଭକାତେ ହୋ
ନାଦରେ
ବଡ଼ ଠାକୁର ଆଜି.......
ଯା ସାଥେ ଲାଗିବ ଥରେ ଭାବର ଡୋରି
ପହଞ୍ଚିବ ଯାଇ ସିଏ ନିଶ୍ଚୟ ପୁରୀ
ପ୍ରଭୁଙ୍କ କରୁଣା ଥରେ ପଡ଼ିଲେ ଝରି
ରାଜା ହୋଇପାରେ ପରା ଦାଣ୍ଡ ଭିକାରୀ ।
ରଥର ଦଉଡି ଥରେ ଛୁଇଁଲା ପରେ
ଜାଣିବ ଶକତି କେତେ ସେହି ରଥରେ
ବଡ଼ ଠାକୁର ଆଜି...... ।


♥ ସୁନ୍ଦରପୁର, ଉତ୍ତରକୂଳ ହାଟ,
ପ୍ରୀତିପୁର, ଯାଜପୁର
ମୋ: ୦୮୮୯୨୩୦୧୧୪୩


## ଜୀବନର ସତ୍ୟ
### ବିଶ୍ୱଜିତ୍ ପୁହାଣ



ଜରା ନାଶ କରେ ସୁନ୍ଦର ଶରୀର
ଛନ୍ତି ଯେତେ ପ୍ରାଣଧାରୀ
କାଳ ହାତରୁ ପାରେକି କେ ବର୍ତ୍ତି
ସମୟ ଯା ଯାଏ ସରି ।

ମୃତ୍ୟୁ ହରି ନିଏ ଶରୀରରୁ ପ୍ରାଣ
ଏ ଅଟେ ଅମର ସତ୍ୟ
ଆଉ ଯେତେ କର୍ମ କରିଥାଏ ପ୍ରାଣୀ
ତା ଅଟେ ନିଜ ଆୟତ୍ତ ।

ମନରେ ଯାହାର ହୁଏ ଅଭିମାନ
ନଷ୍ଟ ତାର ସବୁ ଜାଣ
ଧନ, ଜ୍ଞାନ, ଗୁଣ, ମିତ୍ର, ମାନ, ଜ୍ଞାତି
ସାଥେ ହାରଇ ସ୍ୱଜନ ।

ବିଧିର ବିଧାନ ଜାଣିନେବା କଥା
କେ ଜାଣେ କେବେ କା କାଳ

ସତ୍ୟ, ଧର୍ମ, ନ୍ୟାୟ ଯିଏ ପାଳି ଥାଏ
ପାଇ ଥାଏ ସେ ସୁଫଳ ।

ସମୟ ଡୋରିରେ ଜୀବନ ତ ବନ୍ଧା
ଚକ ପରି ବୁଲୁଥିବ
କେବେ ମୁରୁକି ହସ ଝରୁଥାଏ ତ
ପୁଣି କେବେ କାନ୍ଦୁଥିବ ।

ଏ କାଗଜ ବୁକୁରେ କଲମକୁ ରଖି
ଲେଖିଛି ମୁଁ କିଛି ସତ
ସଂସାର ଉପରେ ତୁମ ଦୟା ଥାଉ
ହେ ଈଶ୍ୱର ଜଗନ୍ନାଥ ।


♥ ବଡ଼ମ୍ବା , କଟକ
ମୋ- ୮୦୧୮୪୩୫୩୬୪


## ଦେହ ରଥ ମୋହ ରଥ
### ତାରାପ୍ରସାଦ ଜେନା



ଦେହ ରଥ ମୋର ଚଳେଇବା ପାଇଁ
ଜଗନ୍ନାଥେ ଥାଉ ଧ୍ୟାନ
ପଚିଶ ପ୍ରକୃତି ଦଉଡ଼ି ବଳିଛି
ଆତ୍ମା ହେଲା ପାଞ୍ଚ ମନ
ଦେହ ରଥ ମୋର ଚଳେଇବା ପାଇଁ !

ସୁଖ ଦୁଃଖ ମାୟା ସାଜେଣି ହୋଇଛି
ବଡ଼ ଆଡ଼ମ୍ବର ବାଜା
ମତ୍ତ ହୋଇ ନିଜେ ନାଚୁଛି ହସୁଛି
ସାଥି ହୋଇ ପ୍ରାଣ ମଜା,

ଯଶ ଅପଯଶ ଦେହ ରଥ ପାଇଁ
କର୍ମ ଧର୍ମ ମୋର ମାନ
ଦେହ ରଥ ମୋର ଚଳେଇବା ପାଇଁ !

ଚିନ୍ତ୍ୟ ଅଚିନ୍ତ୍ୟକୁ ଭାବାବେଶେ ମୁଁଯେ
ଦେଖାଇବା ଗୁରୁ ସ୍ଥିତି
ରଥ ଅଟକିଲେ ରୋଗ ବ୍ୟାଧି ଯାହା
ଅଣ୍ଡାଳୁଛି ନ୍ୟାୟ ନୀତି,

ପରମାତ୍ମା ରଥ ଆତ୍ମା ରଥ ପ୍ରତି
ଦୟା ଭାବ ଟିକେ ଘେନ
ଦେହ ରଥ ମୋର ଚଳେଇବା ପାଇଁ !

ହତାଶାର ଝଡ଼ ଆସିନାହିଁ ମାଡ଼ି
ଭାଙ୍ଗିନାହିଁ ଦେହ ରଥ
ଶଙ୍ଖ କ୍ଷେତ୍ରେ ସତ ହରିବୋଲ ଡାକ
ଶାନ୍ତି ମିଳେ ଆତ୍ମା ରଥ,
ଗୁଣବନ୍ତ ଦିଅଁ ବଡ଼ଦାଣ୍ଡେ ବିଜେ
ପାପନେତ୍ର ପୁଣ୍ୟ ଜ୍ଞାନ
ଦେହ ରଥ ମୋର ଚଳେଇବା ପାଇଁ... !


♥ ରଣପୁର,(ଗୋଡ଼ି ପାଟଣା ସାହି),
ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
ମୋ: ୯୩୪୮୦୫୪୩୦୦


## ବର୍ଷା
### କ୍ଷଣପ୍ରଭା ଧଳ



ଶୁଷ୍କ ଅତିଷ୍ଠ ନିଦାଘର ବିଦାୟ
ବିଜୁଳି ଆଲୋକରେ ଚକ ମକ
ଦୁରନ୍ତ ଦିଗବଳୟ....... !
ମୌସୁମୀର କାରୁଣ୍ୟ ପରସରେ
ଉଦ୍ଭାସିତ ମେଘ ମାଳ ସବୁ
ଦୋଳାୟମାନ ସୁଦୂର ଗଗନରେ..... !

ଦୁନ୍ଦୁଭି ସମ ଘଡ ଘଡି ନାଦ
ଲାସ୍ୟ ମୟୀ ବରଷାର ଆଗମନ
କରେ ରୁକ୍ଷ ଶୁଷ୍କତାରର ପ୍ରତିବାଦ.... !

ପ୍ରଥମ ବର୍ଷାର ପରଶେ ମାଟିର ତୃପ୍ତ ବାସ୍ନା
ପଣ ତାର ଦୂରେଇବ ସିଏ
ଚାତକ ସମ ଚାଂହିଥିବା ସମସ୍ତଙ୍କ ତୃଷ୍ଣା... !

ପଲ୍ଲବିତ ହେବେ ଅବନୀର ତୃଣ,
ତରୁ, ଲତା
ପୂତ ବାରିଧାରା ପରଶେ
ସବୁଜିମାର ଓଢଣୀ ଟାଣି ହସିବ ଧରିତ୍ରୀ ମାତା !


♥ ଯାଜପୁର ରୋଡ
ମୋ: ୭୦୦୮୪୯୦୭୧୯

# ଆସନ୍ତା ୧୭ ତାରିଖରେ ତାଲା ଭାଙ୍ଗିବ ଓଡିଶା ଅମଲା ସଂଘ

ଜୟପୁର, ୦୧/୦୭ (ନି.ପ୍ର): ଓଡ଼ିଶା ଅମଲା ସଂଘର ଏକ ସାମ୍ବାଦିକ ସମ୍ମିଳନୀ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଅମଲା ସଂଘ ସଭାପତି ଶଶୀଭୂଷଣ ଦାଶ୍ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟତଃ ୨ଟି ବିଷୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଥମ ବିଷୟ ଓଡିଶା ଅମଲା ସଂଘର ପୂର୍ବତନ ସଭାପତି ଓ ସମ୍ପାଦକ ଅମଲା ଭବନ ଓ ଅମଲା ପାଣ୍ଠିର ଦାୟିତ୍ୱ ହସ୍ତାନ୍ତର ନ କରି ବର୍ତ୍ତମାନ ଅମଲା ଭବନକୁ ରାଜସ୍ୱ ଅମଲା ସଂଘର କିଛି କର୍ମକର୍ତ୍ତା ନିଜ ଅକ୍ତିଆରରେ ରଖି ଅମଲା ଭବନକୁ ବିଭିନ୍ନ କାର୍ଯ୍ୟରେ ଲଗାଇବା ସହିତ ଅମଲା ପାଣ୍ଠିର ଲକ୍ଷ ଲକ୍ଷ ଟଙ୍କା ହେରଫେର କରିଥିବା ନେଇ ଅଭିଯୋଗ କରିଥିଲେ । ଏନେଇ ଜିଲ୍ଲା ସଂଘ ଓ ରାଜ୍ୟ ସଂଘ ବାରମ୍ବାର ସେମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ନିମନ୍ତେ ପତ୍ରାଳାପ କରିଥିଲେ ମଧ୍ୟ ସେମାନେ ବିଭିନ୍ନ ଆଳ ଦେଖାଇ ଦାୟିତ୍ୱ ହସ୍ତାନ୍ତର କରୁନଥିବା ଯୋଗୁଁ ଜିଲ୍ଲା ସଂଘ ସେମାନଙ୍କ ନାମରେ ବାରମ୍ବାର କୋରାପୁଟ ଟାଉନ ଥାନାରେ ଏତଲା ଦେଇଥିଲେ କିନ୍ତୁ ଏଥିରେ ଥାନା ଅଧିକାରୀ କୌଣସି ପ୍ରକାର ପଦକ୍ଷେପ ନେଇନଥିଲେ କାରଣ ଏହା ସଂଘ ହିଁ ନିଷ୍ପତି ନେବେ କହିଥିଲେ । ବାରମ୍ବାର ଜିଲ୍ଲା ସଂଘ, ରାଜ୍ୟ ସଂଘ ଓ ଗୃହ ବିଭାଗ ଏ ନେଇ ଜିଲ୍ଲାପାଳ କୋରାପୁଟ, ଆରକ୍ଷୀ ଅଧିକ୍ଷକ ଓ ଟାଉନ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ଦିଗରେ କୌଣସି କ୍ଷେତ୍ରରୁ କୌଣସି ପଦକ୍ଷେପ ନିଆଯାଇନଥିବା ବିଷୟ ଶ୍ରୀ ଦାଶ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଅପରପାର୍ଶ୍ୱରେ ରାଜସ୍ୱ ବିଭାଗର କିଛି କର୍ମଚାରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରାପ୍ତ ହୋଇଥିବା ସମସ୍ତ ପତ୍ର ଚପେଇ ରଖି ଜିଲ୍ଲାପାଳଙ୍କ ଦୃଷ୍ଟିକୁ ନେଇ ନଥିବା ସେ ଅଭିଯୋଗ କରିଥିଲେ । ଦୀର୍ଘ ଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ବିଭାଗର କର୍ମକର୍ତ୍ତା ସେମାନେ ନିଜ ଇଚ୍ଛାରେ ଆଖ ପାଖ ଅଂଚଳକୁ ବଦଳି ହୋଇ ଯାଇ ପୁଣି ୪ ରୁ ୬ ମାସ ପରେ କର୍ମାନ୍ତର ପ୍ରେରଣ ହୋଇ ଆସି ପୁଣି ପୂର୍ବ ସ୍ଥାନକୁ ବଦଳି ହୋଇ ଆସି ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ସହିତ ପ୍ରଭାବ ବିସ୍ତାର କରି ମନ ମୁତାବକ କାର୍ଯ୍ୟ କରି ଆସୁଥିବା ଶ୍ରୀ ଦାଶ ଅଭିଯୋଗ କରିଥିଲେ । ୨୦୧୯ ମସିହାରୁ ବିଭାଗୀୟ ଅଧିକାରୀଙ୍କୁ ସଂସ୍ଥାପନ ଅଧିକାରୀ ପଦବୀରେ ପଦୋନ୍ନତି ଦେବା ପାଇଁ ସରକାର ଆଦେଶ କରିଥିଲେ ମଧ୍ୟ ଏଇ କିଛି କୁଚକ୍ରାନ୍ତକାରି ମାନଙ୍କ ଯୋଗୁଁ ବହୁ ବିଭାଗୀୟ ଅଧିକାରୀ ପଦୋନ୍ନତି ପାଇବାରୁ ବଂଚିତ ହୋଇଛନ୍ତି ଆଉ ଏଥି ମଧ୍ୟରେ ବହୁ ବିଭାଗୀୟ ଅଧିକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା କଥା ଶ୍ରୀ ଦାଶ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ।

ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ବହୁତ କୁଚକ୍ରାନ୍ତକାରି ରାଜସ୍ୱ ବିଭାଗର ଅମଲା ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରୁଥିବା ଓ ନିଯୁକ୍ତି ଠାରୁ ମଧ୍ୟ ଗୋଟିଏ ସ୍ଥାନରେ ରହିବା ସହିତ ଅଧିକାରୀଙ୍କ ସରକାରୀ ଗାଡ଼ି ବ୍ୟବହାର କରୁଥିବା ଶ୍ରୀ ଦାଶ ଅଭିଯୋଗ ଆଣି ଏହାର ତଦନ୍ତ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଶେଷରେ ଶ୍ରୀ ଦାଶ ସମସ୍ତ ବିଷୟରେ ତଦନ୍ତ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି କରିଥିଲେ ଯଦି ଖୁବ୍ ଶୀଘ୍ର ଅମଲା ଭବନର ଦାୟିତ୍ୱ ହସ୍ତାନ୍ତର ନହୁଏ ତାହେଲେ ତା ୧୭.୦୭.୨୦୨୪ ରିଖ ଦିନ ରାଜ୍ୟ ସଂଘର କର୍ମକର୍ତ୍ତା, ଜିଲ୍ଲା ସଂଘର ସମସ୍ତ ସଦସ୍ୟ, ଆଇନ୍ ପରାମର୍ଶ ଦାତା ଓ ମିଡ଼ିଆ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ତାଲା ଭାଙ୍ଗି ଦାୟିତ୍ୱ ଗ୍ରହଣ କରିବା ନେଇ ଘୋଷଣା କରିଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀ ସମୟରେ ଓଡ଼ିଶା ଅମଲା ସଂଘ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ସାଙ୍ଗଠନିକ ସମ୍ପାଦକ କେ ସୁବାସ ଚନ୍ଦ୍ର ଆଚାରି, ଉପଦେଷ୍ଟା ବୃନ୍ଦାବନ ପଣ୍ଡା, ଉପ ସଭାପତି ଜଗନ୍ନାଥ ମାଝୀ, କାଳି ପ୍ରସାଦ ମିଶ୍ର, ଗୁପ୍ତ ପ୍ରସାଦ ପାଢ଼ୀ, କୈଳାସ ସାମନ୍ତରାୟ, ଶିବରାମ ଦାଶ୍, ଜଗେନ୍ଦ୍ର ଚୌଧୁରୀ, ପ୍ରମୋଦ କୁମାର ଭୂୟାଁ, ସତ୍ୟ ରଞ୍ଜନ ତ୍ରିପାଠୀ, ତ୍ରିନାଥ ପଣ୍ଡା, ପ୍ରତିକ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ ।

# ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୦୧/୦୭ (ନି.ପ୍ର): ରସୁଲପୁର ବ୍ଲକ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବାଣିଜ୍ୟ ବିଭାଗର ମୁଖ୍ୟ ଡ. ସୁଦର୍ଶନ ପୃଷ୍ଟି,ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ସାହୁ ଓ ମୁଖ୍ୟ କିରାଣୀ ବିଷ୍ଣୁ ଚରଣ ଓଝା ପ୍ରମୁଖ ତାଙ୍କ ଚାକିରୀ କାଳରୁ ଅବସର ନେଇଛନ୍ତି । ତାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ସଭାରେ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅବଦୁଲ ରୋଫ ଖାଁନ,ନୃସିଂହ ଚରଣ ନାୟକ ଓ କିଶୋର ଚନ୍ଦ୍ର ଜେନା,ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ,ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁନ,ପ୍ରାକ୍ତନ ସରପଂଚ ବିପିନ ବିହାରୀ ଦେଓ,୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବେହେରା,କବି ନିମାଇଁ ଚରଣ ଦାସ ଓ ରାକେଶ ଦେଓ ପ୍ରମୁଖ ଯୋଗ ଦେଇ ଦୀର୍ଘ ଦିନ ଧରି ଏହି ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହ ସମସ୍ତ ବିଭାଗର ଦାୟିତ୍ୱରେ ରହି କାର୍ଯ୍ୟ ସମ୍ପାଦନ କରି ଥିଲେ । ଅବସର ନେବା ପରେ ତାଙ୍କ ସ୍ଥାନ କେହି ନେଇ ପାରିବେ ନାହିଁ । ସେମାନଙ୍କ ଅନୁପସ୍ଥିତି ବିଦ୍ୟାଳୟ ଅନୁଭବ କରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମବରଦା ଅଂଚଳର ବୟୋଜ୍ୟେଷ୍ଠ ମୁରବୀ ପରମାନନ୍ଦ ସାହୁ,ଅମୂଲ୍ୟ ରାଉତ, ବ୍ରହ୍ମବରଦା ପଂଚାୟତର ପୂର୍ବତନ ସରପଂଚ ବିଜୟ ଦାସ,ପୂର୍ବତନ ସମିତିସଭ୍ୟ ଶରତ ଚନ୍ଦ୍ର ପାଣ୍ଡେ, ହେମନ୍ତ କୁମାର ସାହୁ ,ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଲିପିକ ଅଜୟ କୁମାର ଜେନା ଓ ରମେଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ବିଦାୟୀ ଅଧ୍ୟାପକ ଓ ଶିକ୍ଷାକର୍ମଚାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ବିକ୍ରମ କୁମାର ମହାପାତ୍ର,ସଚିତ୍ରା ନନ୍ଦ ଦାସ,ରଶ୍ମିତା ସାମଲ, ମନୋଜ କୁମାର ପୃଷ୍ଟି,ଶ୍ରୀନିବାସ ଜେନା, ସୁକାନ୍ତ କୁମାର ସାହୁ, ବିବେକାନନ୍ଦ ବେହେରା,ରାଜ କିଶୋର ପଣ୍ଡା, ଅଟଳ ବିହାରୀ ଜେନା, ପ୍ରତାପ ନାୟକ,ସ୍ୱରୂପା ନନ୍ଦ ନାୟକ,ନିହାର ରଂଜନ ମଲ୍ଲିକ୍, ଅରକ୍ଷିତ ଚରଣ ସାହୁ, ଦିଲୁନା ବାରିକ୍, ବଳରାମ ରାଉତ, ବୈିଲୋଚନ ସାହାଣୀ, ବାସୁଦେବ ବେହେରା ଓ ଶ୍ରୀଧର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ ।

# ଶିଶୁ ସମାଚାରର ୧୭ଶ ସ୍ୱନକ୍ଷତ୍ର ଉତ୍ସବ ପାଇଁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ପୁରୀ, ୦୧/୦୭ (ନି.ପ୍ର): ଓଡ଼ିଶାର ପ୍ରଥମ ଶିଶୁ ସମ୍ବାଦ ପତ୍ର ଶିଶୁ ସମାଚାରର ୧୭ଶ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ରାଜ୍ୟସ୍ତରୀୟ ବକ୍ତୃତା, ଗଣିତ ସମାଧାନ, ପ୍ରବନ୍ଧ ପ୍ରତିଯୋଗିତା ସ୍ଥାନୀୟ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି ।ଏଥିରେ ରାଜ୍ୟର ବିଭିନ୍ନ ସ୍କୁଲରୁ ଆସିଥିବା ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ବକ୍ତୃତାରେ ଜୁନିଅର ବିଭାଗରେ ମୟଙ୍କ ସେନାପତି ସେଂଟ ଯାଭିୟର ହାଇସ୍କୁଲ୍ ର ପ୍ରଥମ, ସିବାଙ୍ଗି ମହାପାତ୍ର ମଦର ପବ୍ଲିକ ସ୍କୁଲ ଦ୍ୱିତୀୟ, ଅନୁରାଗ ଆଚାର୍ଯ୍ୟ ଡ଼ି ଏ ଭି ପବ୍ଲିକ ସ୍କୁଲ ତୃତୀୟ, ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ସରକାରୀ ବାଳିକା ବିଦ୍ୟାଳୟର ଅନୁଷ୍କା ମହାନ୍ତି ପ୍ରଥମ, ଦ୍ୱିତୀୟ ସ୍ଥାନରେ ପ୍ରୀୟଂସି ସାହୁ ମହନ୍ତ ଗଦାଧର ଉଚ୍ଚ ବିଦ୍ୟାଳୟ, ଚନ୍ଦନ ପୁର, ତୃତୀୟ ସ୍ଥାନରେ ସ୍ମୃତିରେଖା ସାହୁ ଡ଼ି ଏ ଭି ପବ୍ଲିକ ସ୍କୁଲ ରହିଛନ୍ତି । ସେହିପରି ଗଣିତ ସମାଧାନରେ ପ୍ରଥମ ସ୍ଥାନରେ ଯୁଗ୍ମ ଭାବରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସାର୍ଥକ ସାମନ୍ତ ରାୟ ଓ ସରସ୍ୱତୀ ଶିଶୁ ମନ୍ଦିର ଛତ୍ରପୁର ଗଞ୍ଜାମର ଛାତ୍ର ଅଙ୍କିତ କୁମାର ଆଚାର୍ଯ୍ୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥା କ୍ରମେ ଭୋଳାନାଥ ବିଦ୍ୟାପୀଠର ଓମ୍ ପ୍ରକାଶ ମିଶ୍ର ଓ ଉପେନ୍ଦ୍ର ପରିଡ଼ା ରହିଛନ୍ତି । ପ୍ରତିଯୋଗିତାର ବିଚାରକ ଭାବରେ ଶିବ ସୁନ୍ଦର ମିଶ୍ର, ବାସନ୍ତୀ ଦେବୀ, ଡ.ମନ୍ମା ଶ୍ରୀଚନ୍ଦନ, ଡ.ପ୍ରଦ୍ୟୁତି ଦାସ, ଦିବାକର ଦଳାଇ, ଶୁଭନାରାୟଣ ଶତପଥୀ ଓ ସହଦେବ ସାହୁ ପ୍ରମୁଖ ବିଭିନ୍ନ ବିଭାଗର ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଚରିତା ପ୍ରତିହାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ମାନଙ୍କ ଲୁକାଇତ ପ୍ରତିଭା ବିକାଶ କରିବା ଦିଗରେ ଶିଶୁ ସମାଚାରର ପ୍ରୟାସକୁ ପ୍ରଶଂସା କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶରତ ରାୟ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନିତା ଦୀକ୍ଷିତ, ଶ୍ରୀୟଶ୍ରି ପଣ୍ଡା, ସୁଭାଜିତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିଶୁ ସମାଚାର ଉତ୍ସବ କମିଟିର ଉପାଧକ୍ଷ ସିଦ୍ଧାର୍ଥ ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ । ସୂଚନା ଯୋଗ୍ୟ ଯେ, ଆସନ୍ତା ଜୁଲାଇ ମାସ ୨୩ ତାରିଖରେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ଶିଶୁ ସମାଚାର ସ୍ୱନକ୍ଷତ୍ର ଉତ୍ସବ ଅଗଷ୍ଟ ଦଶ ତାରିଖ ଦିନ ପୌରସଦନ ଠାରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ସୂଚନା ଦେଇଛନ୍ତି ।

# ଜମି ବିବାଦକୁ ନେଇ ମହିଳାଙ୍କୁ ଆକ୍ରମଣ: ୪ ଗିରଫ

ଜୟପୁର, ୦୧/୦୭ (ନି.ପ୍ର): ଜମି ବିବାଦକୁ ନେଇ ମହିଳାଙ୍କୁ ଆକ୍ରମଣ କରିଥିବା ମାମଲାର ପର୍ଦ୍ଦାଫାଶ କରିଛି ଜୟପୁର ସଦର ପୋଲିସ । ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୪ ଅଭିଯୁକ୍ତ ହେଲେ ଧନପୁର ଗ୍ରାମର ସଦା ନାୟକ (୬୩), ପୁଣ୍ଡ ନାୟକ (୨୫), ସାନୁ ନାୟକ (୨୭), ଧନପତି ନାୟକ (୪୦) ।

ପୋଲିସ ସୂଚନା ଅନୁଯାୟୀ, ଧନପୁର ଗ୍ରାମର ନଇନା ନାୟକଙ୍କ ସହ ଗିରଫ ୪ ଅଭିଯୁକ୍ତଙ୍କ ସହ ଜମି ବିବାଦକୁ ନେଇ ପରିବାରିକ ବିବାଦ ଲାଗି ରହିଥିଲା । ଏହି ବିବାଦ କ୍ରମଶଃ ଉଗ୍ରରୂପ ନେଇ ନେଇଥିଲା । ଧନପୁର ଗ୍ରାମର କେତେ ଜଣ ମିଶି ଗୋଷ୍ଠି ବଦ୍ଧ ଭାବେ ଠେଙ୍ଗା ବାଡି ଧରି ମହିଳା ନଇନା ନାୟକଙ୍କୁ ଆକ୍ରମଣ କରିଥିଲେ । ଫଳରେ ମହିଳା ଜଣକ ଗୁରୁତର ହୋଇ ପଡିଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଛନ୍ତି । ଏନେଇ ଜୟପୁର ସଦର ପୋଲିସରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ୨୧୦/୨୪ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ଠେଙ୍ଗା ବାଡିକୁ ଜବତ କରିଛି । ଗିରଫ ୪ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ବିଷାକ୍ତ ସାପ କାମୁଡ଼ାରେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ଅକାଳ ବିୟୋଗ

ବଲାଙ୍ଗିର, ୦୧/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁଡିଘାଟ ପଂଚାୟତ ଘୁଷୁରାମୁଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏକ ବିଷାକ୍ତ ସାପ କାମୁଡି ଦେବାରୁ ଜଣେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀଙ୍କ ଅକାଳ ବିୟୋଗ ଘଟିଛି ।

ଗ୍ରାମର କିଶୋର ଚନ୍ଦ୍ର ଦାସଙ୍କ ୬ ଜଣ ଝିଅଙ୍କ ମଧ୍ୟରୁ ଗାଁ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ସବା ସାନ ଝିଅ ପ୍ରିୟଦର୍ଶନୀ ଦାସ(୯) ଶୁକ୍ରବାର ରାତିରେ ଅନ୍ୟ ଭଉଣୀମାନଙ୍କ ସହ ଖାଇସାରି ତଳେ ଶୋଇଥିଲେ । ରାତି ୧୧ଟାରେ ସେ ଉଠିପଡ଼ି କାନ୍ଦିବା ସହ ନିଜକୁ ଅସୁସ୍ଥ ଲାଗୁଥିବାରୁ ପରିବାର ଲୋକଙ୍କୁ କହିଥିଲେ । ପରିବାର କୌଣସି ବିଷାକ୍ତ ସାପ କାମୁଡି ଥାଇପାରେ ଭାବି ରାତିରେ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ସାପକୁ ପାଇନଥିଲେ । ପରିବାର ଲୋକେ ଅସୁସ୍ଥ ଛାତ୍ରୀଙ୍କୁ ପ୍ରଥମେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଟିଟିଲାଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଟିଟିଲାଗଡ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ତାଙ୍କ ଦେହର ବିଭିନ୍ନ ସ୍ଥାନରେ ସାପ କାମୁଡ଼ା ଚିହ୍ନ ରହିବା ସହ ଦେହ କଳା ପଡିଯାଇଥିବାରୁ ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ପ୍ରକାଶ କରି ପୁଲିସକୁ ସୂଚନା ଦେଇଥିଲେ । ମୁରିବାହାଲ ଥାନା ପୁଲିସ ପକ୍ଷରୁ ଏଏସଆଇ ଜଗଦୀଶ ମହାନନ୍ଦ ପହଂଚି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଥାନା ଅପମୃତ୍ୟୁ କେସ ନଂ ୧୧/୨୪ ରୁଜୁ ସହ ଅଧିକ ତଦନ୍ତ କରୁଥିବା ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ମୁରିବାହାଲ ତହସିଲଦାର ଜଗଦୀଶ କର୍ତାମୀଙ୍କୁ ପଚାରିବାରୁ, ମୁଁ ଆରଆଇଙ୍କୁ ପଠାଇ ତଦନ୍ତ କରୁଛି, ସମସ୍ତ ପ୍ରକାର ଆବଶ୍ୟକ କାଗଜପତ୍ର ଦାଖଲ ପରେ ଶୋକସନ୍ତପ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି । ପରିବାରର ଅତି ଅଲିଅଳ ସବୁଠାରୁ ସାନ ଝିଅର ଆକସ୍ମିକ ବିୟୋଗରେ ସମଗ୍ର ଦାସ ପରିବାର ସହ ଗ୍ରାମବାସୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ବେଳେ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି ।

# ରାସ୍ତା ମରାମତି କାର୍ଯ୍ୟ ଅଧାରେ ଅଟକିଛି : ଦୁର୍ଘଟଣାର ଶିକାର ହେଉଛନ୍ତି ଜନସାଧାରଣ

ଧର୍ମଶାଳା, ୦୧/୦୭ (ନି.ପ୍ର): ଜନସାଧାରଣ କଚ୍ଚା ରାସ୍ତାରେ ଯାତାୟତ କରିବେ ନାହିଁ । ଏନେଇ ସରକାର ରାସ୍ତାର ଉନ୍ନତିକରଣ କରିବା ଦିଗରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି । ଭଲ କାର୍ଯ୍ୟ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ହେଲେ ବିଭାଗୀୟ ଅଧିକାର ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏହା ସଫଳ ହୋଇ ପାରୁ ନାହିଁ । ନିର୍ମାଣ ଓ ମରାମତି ସମୟରେ ବହୁ ସମୟରେ ଲୋକେ ଯାତାୟତ ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହେଲେ ଏଥି ପ୍ରତି କେହି ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଅନେକ ସମୟରେ ନୀରିହ ଜୀବନ ଯାଉଥିବା ନଜିର ରହିଛି । ଏବେ ରାସ୍ତା କାର୍ଯ୍ୟ ଅଧପନ୍ତରିଆ ହେବା ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି ।

ଏଭଳି ଘଟଣା ଦେଖିବାକୁ ମିଳିଛି, ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା-ବ୍ରହ୍ମବରଦା ମୁଖ୍ୟ ରାସ୍ତା ଉତରପ୍ରତାପ ଠାରୁ ନିଳକଣ୍ଠପୁର ଯାଇଥିବା ମୁଖ୍ୟ ରାସ୍ତା କ୍ଷେତ୍ରରେ । ଏହି ଦୀର୍ଘ ଦିନ ଧରି ଅଣଓସାରିଆ ରାସ୍ତା ସହ ଏହି ରାସ୍ତାରେ ଉଭୟ ପାର୍ଶ୍ୱକୁ ପାଣି ନିଷ୍କାସନ ନ ହେବାରୁ ଉଭୟ କଡରେ ଚାଷ ଜମିରେ ପାଣି ଜମି ବ୍ୟାପକ ଫସଲ ନଷ୍ଟ ହେଉଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଉତରପ୍ରତାପଠାରୁ ନୀଳକଣ୍ଠପୁର ପର୍ଯ୍ୟନ୍ତ ଏହି ପିଚୁ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି । ଏବଂ ଏହି ରାସ୍ତା ମଝିରେ ପାଣି ନିଷ୍କାସନ ପାଇଁ ଛୋଟ ଛୋଟ କଲଭର୍ଟ ରହିଛି । କଲଭର୍ଟ ନିର୍ମାଣ ସମୟରେ ଠିକାଦାର ରାସ୍ତା ଉପରେ ଚିପ୍ସ ,ମେଟାଲ ଓ ବାଲି ଜମା କରିଛନ୍ତି । ଏଠାରେ କିଛି ଦିନ କାମ ହେବା ପରେ କଲଭର୍ଟ କାର୍ଯ୍ୟ ଅଧାରେ ପଡି ରହିଛି । ରାସ୍ତା ସମ୍ପ୍ରସାରଣ ନ ହୋଇ ଅଧପନ୍ତରିଆ ହୋଇ ରହିବା ସହ ଅଣଓସାରିଆ ରାସ୍ତା ଉପରେ ଚିପ୍ସ, ମେଟାଲ ଓ ବାଲି ମହଜୁଦ ହେବା ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡି, ବାଇକ ଓ ସାଇକେଲ ଚାଳକମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏପରିକି ଏହି ଉପରେ କୌଣସି ବିପଦ ପୂର୍ଣ୍ଣ ଅଂଚଳଭାବେ ସୂଚନା ଦିଆ ଯାଇ ନାହିଁ । ଫଳରେ ରାତିରେ ବାଇକ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି । ଏଠାରେ ଠିକାଦାର କାହିଁକି ଅଧପନ୍ତରିଆ କରି ରାସ୍ତାକୁ ପକାଇ ରଖିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ରାସ୍ତା ଦେଇ ଦୈନିକ ସରକାରୀ କର୍ମଚାରୀ ଯାତାୟତ କରୁଥିଲେ ମଧ୍ୟ ସେମାନଙ୍କ ନଜର ପଡୁ ନାହିଁ । ତେବେ ଏ ଦିଗରେ ଜିଲା ଓ ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ମାଲକାନଗିରି, ୦୧/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଆଜି ଜିଲ୍ଲା ସ୍ତରୀୟ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକ ମାଲକାନଗିରି ସଦର ଲାଠିଆଗୁଡା ସ୍ଥିତ ବିଜେଡି ଜିଲ୍ଲା କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଓ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଚଳିତ ନିର୍ବାଚନରେ ବିଜୁ ଜନତା ଦଳ ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଦୁଇଟି ବିଧାନସଭା ଆସନରେ ପରାଜୟର କାରଣ ଖୋଜାଯିବା ସହ ବିଶେଷ ଭାବେ ସମୀକ୍ଷା କରାଯାଇଛି । ଏହି ସମିକ୍ଷା ବୈଠକରେ ଉପସ୍ଥିତ ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଜିଲ୍ଲା ପରିଷଦ ଅଧକ୍ଷା, ଉପାଧକ୍ଷ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସମସ୍ତ ବ୍ଲକ ଅଧକ୍ଷା, ଅଧକ୍ଷ, ପୌରପରିଷଦ ଅଧକ୍ଷ, ଉପାଧକ୍ଷା ଓ ବିଜୁ ଜନତା ଦଳର ନେତୃମଣ୍ଡଳୀ ଏବଂ ବିଜେଡି କାର୍ଯ୍ୟକର୍ତ୍ତା ନିଜ ନିଜର ମତବ୍ୟକ୍ତ କରିଥିଲେ । ବୈଠକରେ ପରାଜୟରେ ହତୋତ୍ସାହିତ ନ ହୋଇ ପୂର୍ବଭଳି ଦଳୀୟ ସଙ୍ଗଠନକୁ ଆଗକୁ ବଢାଇବାକୁ ବିଜେଡି ଜିଲ୍ଲା ସଭାପତି ମାନସ ମାଡକାମୀ ପରାମର୍ଶ ଦେଇଥିଲେ । ଲୋକଙ୍କ ସହ ଅଧିକରୁ ଅଧିକ ଯୋଡି ହୋଇ ୨୫ ବର୍ଷରେ ନବୀନ ସରକାର କଣ କଣ କରିଛନ୍ତି ଲୋକଙ୍କୁ ଅବଗତ କରାଇବା ସହ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳକୁ ପୁନର୍ବାର ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ସହ ଜିଲ୍ଲା ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ବିଜେଡି ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା, ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସମସ୍ତ ବ୍ଲକ ଅଧକ୍ଷା / ଅଧକ୍ଷ, ଜିଲ୍ଲା ଛାତ୍ର ସଭାପତି ତାପଶ ରଞ୍ଜନ ନାୟକ ଓ ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ ପ୍ରମୁଖଙ୍କ ସହ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସମସ୍ତ ବିଶିଷ୍ଟ ନେତୃମଣ୍ଡଳୀ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅବସର ଗ୍ରହଣ

କନ୍ଧମାଳ, ୦୧/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସରୋଜ ବାଲା ଆଚାର୍ଯ୍ୟ ଶନିବାର ଚାକିରୀ ଜୀବନରୁ ଅବସର ନେଇଛନ୍ତି । ଗତ ଜୁନ ୯ ତାରିଖ ୨୦୨୩ ରେ ସମାଜ ମଙ୍ଗଳ ଅଧିକାରୀ ଭାବେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ । ଦୀର୍ଘ ଏକ ବର୍ଷ ଧରି ସେ କନ୍ଧମାଳରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ଜିଲ୍ଲାପାଳଙ୍କ କନଫରେନ୍ସ ହଲ୍ ରେ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡି ଏସ୍ ଡବଲିଓ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ସେ ଠିକ୍ ସମୟରେ ରିପୋର୍ଟ ପ୍ରଦାନ କରୁଥିଲେ । ଯେତେବେଳେ ଯେଉଁ କାମ ମୁଁ ଦେଇଛି ସେ ଠିକରେ କରିଛନ୍ତି । ବିଭାଗରୁ କୌଣସି ଅଭିଯୋଗ ମିଳିନାହିଁ । ଜିଲ୍ଲାପାଳ ପାଟିଲ ଉପଢ଼ଉକନ ପ୍ରଦାନ କରି ସମ୍ମାନିତ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନୂତନ ଭାବେ ସମାଜ ମଙ୍ଗଳ ଅଧିକାରୀ ଭାବେ ଦାୟିତ୍ୱ ନେଇଥିବା ଶ୍ରୀମତୀ କ୍ରିଷ୍ଣା ପଣ୍ଡା ଅବସପ୍ରାପ୍ତ ଡି ଏସ୍ ଦବ୍ଲିଓ ଶ୍ରୀମତୀ ସରୋଜବାଳ ଆଚାର୍ଯ୍ୟଙ୍କୁ ଉପହାର ଦେଇ ସମ୍ମାନୀତ କରିଥିଲେ । ଟିକାବାଲି ସି ଡି ପିଓ ପାନମନି ହାଁସଦା, ଖଜୁରୀପଡ଼ା ସି ଡି ପି ଓ ବୈଜୟନ୍ତୀ ମଲ୍ଲିକ, କୋଟୋଗଡ ସିଡିପିଓ ହରି ଲକ୍ଷ୍ମୀ ପୂଜାରୀ, ଫିରିଙ୍ଗିଆ ଶିଡିପିଓ ନିବେଦିତା ପ୍ରଧାନ, ବାଲିଗୁଡା ସିଡିପିଓ ସଂଯୁକ୍ତା ପଟ୍ଟନାୟକ ସମସ୍ତେ ସମ୍ବର୍ଦ୍ଧନା ଜଣାଇଥିଲେ । ଶେଷରେ ଶ୍ରୀମତୀ ସରୋଜ ବାଲା ଆଚାର୍ଯ୍ୟ ତାଙ୍କର ଅଭିଭାଷଣ ରଖି କହିଲେ ଯେ, କନ୍ଧମାଳ ର ସୌନ୍ଦର୍ଯ୍ୟ ରେ ସେ ମୁଗ୍ଧ । ଏକ ବର୍ଷ କାଳ କାର୍ଯ୍ୟ କାଳ ମଧ୍ୟରେ ସେ ସମସ୍ତ ପଦାଧିକାରୀ, ମିନିଷ୍ଟରିଆଲ ଷ୍ଟାଫ ଓ ମାନନୀୟ ଜିଲ୍ଲାପାଳଙ୍କର ସାହାଯ୍ୟ ଓ ସହଯୋଗ ପାଇଛନ୍ତି । ସମସ୍ତଙ୍କ ମଧ୍ୟରେ ସମନୟୋନ ରକ୍ଷା ହୋଇ ପାରିଛି । ଭାବୋବିହ୍ୱଳ ହୋଇ ସେ ଅବସର ନେବା ବିଶ୍ୱାସ କରିପାରିନାହାନ୍ତି ବୋଲି କହିଥିଲେ । ପରେ ଫୁଲବାଣୀ ଗାନ୍ଧୀସ୍ମୃତି ଭବନରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମଚାରୀ, ପ୍ରୋଗ୍ରାମ ଅଫିସର, ପି ଆଇ ଓ, ସିଡି ପି ଓ ସମସ୍ତେ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଏକ ପ୍ରୀତି ଭୋଜିରେ ସମସ୍ତେ ସାମିଲ ହୋଇଥିଲେ । ଆସନ୍ତା ୧ରେ ଶ୍ରୀମତୀ କ୍ରିଷ୍ଣା ପଣ୍ଡା ସମାଜ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ରହିବେ । ଏହି ଅବସରରେ ୱାଟର ସେଡ ପି ଡି, ଡି ମଙ୍ଗଳ ବିଭାଗ ପିଅନ ଘନଶ୍ୟାମ କହଁରଙ୍କୁ ଜିଲ୍ଲାପାଳ ମଧ୍ୟ ସମ୍ବର୍ଦ୍ଧନା କରିଥିଲେ । ୱାଟର ସେଡ୍ ପିଡି ଶ୍ରୀ ମିଶ୍ରଙ୍କୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ । କନ୍ଧମାଳରେ ଷ୍ଟବେରୀ ଚାଷରେ ସେ ସଫଳତା ହାସଲ କରିଥିଲେ ।

# ବରିଷ୍ଠ ନାଗରିକ କଲ୍ୟାଣ ସମିତିର ବାର୍ଷିକ ଉତ୍ସବ

ଜୟପୁର, ୦୧/୦୭ (ନି.ପ୍ର): ଜୟପୁର ପାର୍କ ସାହି ସ୍ଥିତ ବରିଷ୍ଠ ନାଗରିକ କଲ୍ୟାଣ ସମିତିର ଆଜି ଏକାଦଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କଲ୍ୟାଣ ସମିତିର କିଶୋର ହୋତା, ଶଙ୍କର୍ଷଣ ମିଶ୍ର, ରାମ ହୋତା, ପ୍ରମୋଦ କୁମାର ପଣ୍ଡା, ଦେବେନ୍ଦ୍ର ବାହିନିପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଲେଖକ ସାମ୍ମୁଖ୍ୟର ମାସାନ୍ତ ସୃଜନ ସାହିତ୍ୟ ଆସର

କନ୍ଧମାଳ, ୦୧/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଫୁଲବାଣୀର ମାସାନ୍ତ ସୃଜନ ସାହିତ୍ୟ ଆସର ଗୋଛାପଡା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାମ୍ମୁଖ୍ୟର ସଭାପତି ରବୀନ୍ଦ୍ର ନାଥ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସାହିତ୍ୟ ଆଲୋଚନା ଓ କବିତା ପାଠ କାର୍ଯ୍ୟକ୍ରମରେ ସମ୍ପାଦକ ବନବିହାରୀ ନନ୍ଦ ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗୋଛାପଡାର ବିଶିଷ୍ଟ ସାହିତ୍ୟିକ ଶେଖ କୁରେଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ବିଶିଷ୍ଟ ସାହିତ୍ୟିକ ଡାକ୍ତର ନିରଦ ଚନ୍ଦ୍ର କହଁର ଓ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସମ୍ମାନୀତ ଅତିଥିର ଭୂମିକା ନିର୍ବାହ କରିଥିଲେ । କନ୍ଧମାଳର ସାରସ୍ୱତ ପ୍ରତିଭା ତଥା ବରିଷ୍ଠ କବି ବିଦେଶୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟକୁ ଭଲ ପାଇବାକୁ ଆହ୍ୱାନ ଦେଇଥିଲେ । ଅଧାପିକା ଜ୍ୟୋତିର୍ମୟୀ କହଁର, ଅଧାପିକା ହରପ୍ରିୟା ମିଶ୍ର, କବି ବି କେ କମଳଙ୍କ ସଂଯୋଜନାରେ ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ କବି ନିଜର ସ୍ୱରଚିତ କବିତା ଆବୃତି କରିଥିଲେ । ସାମ୍ମୁଖ୍ୟର ସହ ସମ୍ପାଦକ କୈଳାଶ ଚନ୍ଦ୍ର ଧଳ ମଂଚ ସଂଚାଳନ କରିଥିଲା ବେଳେ ସଂଗଠନ ସମ୍ପାଦକ ପ୍ରସନ୍ନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କବିତା ଆସରରେ ଗୋଛାପଡା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନିଜର ସ୍ୱରଚିତ କବିତା ପାଠ କରିଥିଲା ବେଳେ ବର୍ଷିଆନ କବି ଦୁର୍ଯ୍ୟୋଧନ ପ୍ରଧାନ, ସୋମନାଥ ସାହୁ, ଲିଙ୍ଗରାଜ ହୋତା ,ମୋହନ ଦିଗାଲ, ନାଭିଦତ୍ୟ ଦିଗାଲ, ଲକ୍ଷ୍ମଣ ରଣା, କୃଷ୍ଣଚନ୍ଦ୍ର ମହାକୁଡ଼, ସତ୍ୟବ୍ରତ ଦିଗାଲ, ପ୍ରିୟବ୍ରତ ବେହେରା ପ୍ରମୁଖ କବି ସ୍ୱ ରଚିତ କବିତା ଆବୃତି କରିଥିଲେ । ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଶ୍ରୀବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୦୧/୦୭ (ନି.ପ୍ର): ଆଇନ ମହାବିଦ୍ୟାଳୟ କଲୋନୀ ସ୍ଥିତ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଶିକ୍ଷାନୁଷ୍ଠାନ ଶ୍ରୀ ବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଭବନ ପରିସରରେ ପୂର୍ବାହ୍ନରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ାଙ୍କ ଦ୍ୱାରା ଉତ୍ସବଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା । ଏହି ଉଦ୍ଘାଟନୀ ପର୍ବରେ ସୁନାମଧନ୍ୟ ନାଟ୍ୟକାର ତଥା ଅଭିନେତା ସୁରଥ ଚନ୍ଦ୍ର ନାୟକ ଓ ସମ୍ବଲପୁରୀ କଣ୍ଠଶିଳ୍ପୀ ମଳୟ କୁମାର ବେହେରା ବିଶିଷ୍ଟ ଅତିଥି ଓ ଗୁରୁ ସମୀରଂଜନ ଦାସ ଓ ରାଜଶ୍ରୀ ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଓଡ଼ିଆ କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରକୁ ସମ୍ବଲପୁରର ଅବଦାନ ସମ୍ପର୍କରେ ଅବତାରଣା କରିଥିଲେ । ପରେ ପରେ ନୃତ୍ୟ, ସଂଗୀତ, ଚିତ୍ରକଳା, ଯନ୍ତ୍ରସଙ୍ଗୀତ ଓ ଭାଷା ସାହିତ୍ୟ ଆଦି ବିଭାଗରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତା ଶେଷ ହେବା ପରେ ଜିଲ୍ଲାର ସୁନାମଧନ୍ୟ ସଂଗୀତ ଗୁରୁ ରବୀନ୍ଦ୍ରନାଥ ମିଶ୍ର, ନିମାକାନ୍ତ ରାଉତରାୟ, ସାଗରିକା ପଣ୍ଡା, ବିଜୟାଲକ୍ଷ୍ମୀ ରାଉତରାୟ, ପ୍ରୀତିନନ୍ଦା ପରିଡ଼ା ପ୍ରଭୃତିଙ୍କ ଦ୍ୱାରା ଏକ ଚିତାକର୍ଷକ ସଂଗୀତ ଆସର ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଉତ୍ସବର ଉଦ୍‌ଯାପନୀ ପର୍ବରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ବିଶିଷ୍ଟ କଣ୍ଠଶିଳ୍ପୀ ନିମାକାନ୍ତ ରାଉତରାୟ ମୁଖ୍ୟ ଅତିଥି ଓ ଓଡ଼ିଶୀ ନୃତ୍ୟଗୁରୁ ବିଜୟ କୁମାର ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇ ଓଡ଼ିଶୀ ଭାଷା, ସାହିତ୍ୟ ଓ ନୃତ୍ୟ ସଂଗୀତର ମୌଳିକତା ବିଷୟରେ ସୂଚନା ଦେଇ ଏହାକୁ ଆଗକୁ ନେବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀ ଓ କଳାପ୍ରେମୀ ଶ୍ରୋତାମାନଙ୍କୁ ଆହ୍ୱାନ ଦେବାସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଉତ୍ସବର ଉଭୟ ଅଧିବେଶନରେ କାର୍ଯ୍ୟକାରୀ ସଭାପତି ଅଧାପକ ଅଜୟ ସାମଲ ସଭାପତିତ୍ୱ କରିଥିବାବେଳେ ପ୍ରତିଷ୍ଠାତା ଅଧାପକ ମୋହନ ଚରଣ ଜେନା ଓ ସଂପାଦକ ମହେନ୍ଦ୍ର ପଟ୍ଟନାୟକ ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଆଦିକନ୍ଦ ରାଉଳ ଧନ୍ୟବାଦ ଅର୍ପଣ ଓ ପଣ୍ଡିତ ପ୍ରତାପ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ଅନୁଷ୍ଠିତ ହେଲା ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ବାରିପଦା, ୦୧/୭ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ (ଭା. ପ୍ର.ସେ.), ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଉମେଶ ଚନ୍ଦ୍ର ପଣ୍ଡା ,ସୋମବାର ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ଜନଶୁଣାଣୀ ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦରମହକୁମାର ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି । ଏହି ଜନଶୁଣାଣୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ (ଭା. ପ୍ର.ସେ.) ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଓ.ପ୍ର.ସେ.,(ବ) ବାରିପଦା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ନାୟକ (ଓ.ପ୍ର.ସେ.), ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ରଜନୀକାନ୍ତ ସ୍ୱାଇଁ, ଓ.ପ୍ର.ସେ.,(ବ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଓ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ, ଡାଃ ଅଭୟ କୁମାର ଦାଶ ଯୋଗଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ଓ ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡ ଅନ୍ତର୍ଗତ ଚାରୋଟି ବ୍ଲକର ସର୍ବମୋଟ ୧୬୦ ଟି ଅଭିଯୋଗ ଶୁଣାଣି ହୋଇଥିଲା । ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ୧୪୩ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୧୭ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା ଓ ସେଥିମଧ୍ୟରୁ ୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ, ସର୍ବମୋଟ ୯ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାପାଳ ୫ଜଣ ଦିବ୍ୟାଙ୍ଗ ଦମ୍ପତିଙ୍କୁ ମଧ ୨,୫୦,୦୦୦ ଟଙ୍କା ଲେଖାଏଁ ବିବାହ ଆର୍ଥିକ ପ୍ରୋତ୍ସାନ ରାଶି ପ୍ରଦାନ କରିଛନ୍ତି ଓ ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ ।

## ବ୍ଲକକୁ ତାଲା ମାରିଲେ ଶହ ଶହ ମହିଳା

ଜୟପୁର, ୦୧/୭ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବିଡ଼ିଓ ସନ୍ଧ୍ୟାରାଣୀ ସମରଥ ଙ୍କ ବିରୋଧରେ ତାତିଲେ ଶହ ଶହ ମହିଳା । ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟ ରେ ତାଲା ମାରି ଧାରଣା ବସିଲେ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତିର ଶହ ଶହ ମହିଳା। ବିଡ଼ିଓଙ୍କ ଦୁର୍ବ୍ୟବହାର ଅଭିଯୋଗ ଆଣି ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟକୁ ତାଲା ମାରିଛନ୍ତି ମହିଳା ମାନେ। ବିଡ଼ିଓ କ୍ଷମା ପ୍ରାର୍ଥନା ନକଲା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଜିଦ ରେ ବସିଥିଲେ ମହିଳା ମାନେ। ୩୧ ପଂଚାୟତର ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ହେଉଥିବା ବିଭିନ୍ନ ବିଭାଗରେ ନିୟୋଜିତ ଅଛନ୍ତି ଏମାନେ। ବିଡ଼ିଓ ସନ୍ଧ୍ୟା ରାଣୀ ସମରଥ କୃଷି ମିତ୍ର, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, ଉଜଚ, ଗଇକ ଏବଂ ଏଚଖକ କ୍ଷେତ୍ର ରେ କାର୍ଯ୍ୟରତ ମହିଳା ମାନଙ୍କ ବୋରିଗୁମ୍ମା ବିଡ଼ିଓ ସନ୍ଧ୍ୟା ରାଣୀ ସମରଥ ଅନେକ ଦିନ ହେବ ଦୁର୍ବ୍ୟବହାର ଦୋହରାଉଛନ୍ତି ।

# ଆଡ଼ଭୋକେଟ ନରେନ୍ଦ୍ର ରାହୁଳଙ୍କ ମୃତ୍ୟୁରେ ନୀଳଗିରି କୋର୍ଟ ପରିସରରେ ଶୋକସଭା



ନୀଳଗିରି, ୦୧/୭ (ନି.ପ୍ର): ଆଡ଼ଭୋକେଟ୍ ନରେନ୍ଦ୍ର ରାହୁଳଙ୍କ ବିୟୋଗରେ କୋର୍ଟ ପରିସରରେ ଶୋକସଭା ପାଳନ ହୋଇଯାଇଛି। ସେ କିଛି ଦିନ ହେଲା କିଡ଼ନୀ ଫୁସଫୁସ ଓ ହୃଦ ରୋଗ ରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ଅବସ୍ଥାରେ ଅପରାହ୍ନରେ ମୃତ୍ୟୁ ବରଣ କରିଛନ୍ତି । ଫଳରେ ଆଜି ନୀଳଗିରି କୋର୍ଟ ପରିସରରେ ଥିବା ଓକିଲ ହଲ୍ ରେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା । ଉଭୟ ଓକିଲ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଏହି ସଭାର ସଭାପତିତ୍ୱ କରିଥିଲେ।ପ୍ରଥମେ ଶୋକସଭା ରେ ଉପସ୍ଥିତ ସମସ୍ତ ବ୍ୟକ୍ତିମାନେ ଛିଡ଼ାହୋଇ ଦୁଇ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଓକିଲ ସଂଘର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ ,ଅମରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ କିଶୋର ଦାସ , ଦେବେନ୍ଦ୍ର ପଣ୍ଡା, ଉପସଭାପତି ଗୌରହରି ବେହେରା , ବରିଷ୍ଠ ଆଡ଼ଭୋକେର୍ଟ ମିହିର ରାଉତ ,କୃଷ୍ଣଚନ୍ଦ୍ର ନାୟକ, ଗଦାଧର ପରିଡ଼ା , ଅଜୟ ପଟ୍ଟନାୟକ , ସମୀରନାଥ ନାୟକ , ହରମୋହନ ମହାପାତ୍ର ଓ ମନୋଜ ଦାସ ପ୍ରମୁଖ ଆଡ଼ଭୋକେଟ୍ ନରେନ୍ଦ୍ର ରାହୁଳ ଙ୍କର ସ୍ମୃତି ଚାରଣ କରିଥିଲେ ଓ ଶୋକ ସନ୍ତପ୍ତ ପରିସର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ। ସତଜନ ସନନ୍ଦା ପ୍ରଧାନ ଓ ମୋନାଲିସା ପଣ୍ଡା ଙ୍କ ବକ୍ତବ୍ୟ ପରେ ସଭା ସଙ୍ଗ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆଡ଼ଭୋକେଟ୍ ଦେବେନନ୍ଦ୍ର ଦାସ , ଜତ୍ନିନ୍ଦ୍ର ନାୟକ ,କରୁଣାକର ସ୍ୱାଇଁ ,ଅନନ୍ତ ପଣ୍ଡା ,ନିଳିମା ବାରିକ , ଜୟନ୍ତ ସ , ବିଘ୍ନେଶ୍ୱର ବାରିକ , ସୁଶାନ୍ତ ବିଶ୍ୱାଳ ,କାର୍ତ୍ତୀକ ରାଉତ୍ , ସତ୍ୟନାରାୟଣ ଆଇଚ, ବିନୟ ପ୍ରଧାନ ,ଅମୀୟ ନାୟକ , ଚିରଞ୍ଜିବୀ ପାଣିଗ୍ରାହି , ଶାନ୍ତିଲତା ମିଶ୍ର , ପ୍ରଶାନ୍ତ ମଲ୍ଲିକ ଓ ଶୁଭାସିସ୍ ଦାସ ମହାପାତ୍ର , ପ୍ରମୁଖ ଆଡ଼ଭୋକେଟ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ଜିଲ୍ଲାରେ ସାନ ସାନ ପିଲାଙ୍କ ପାଇଁ ଆକର୍ଷଣ ସାଜିଛି 'ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର'



ମୟୂରଭଞ୍ଜ, ୦୧/୭ (ନି.ପ୍ର): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ସାନ ସାନ ପିଲାଙ୍କ ପାଇଁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ଯତ୍ନ ଓ ପୋଷଣ ଲାଗି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଆକର୍ଷଣୀୟ କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଓ୍ୱାଡସି ପାଣ୍ଠି ସହାୟତାରେ ଜିଲ୍ଲାରେ ନିର୍ମାଣ କରାଯାଉଥିବା ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ଏ ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଫଳରେ ଶିଶୁମାନଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ଏହି କେନ୍ଦ୍ର ବିଶେଷ ସହାୟକ ହେଉଛି। ଲୋକସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ତୃତୀୟ ବୃହତମ ଜିଲ୍ଲା ହେଉଛି ମୟୂରଭଞ୍ଜ। ବଣ ପାହାଡ଼ ଘେରା ଏହି ଜିଲ୍ଲାରେ ଓ୍ୱାଡସି ସହାୟତାରେ ମୋଟ ୮୨୬ଟି ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରାଯାଉଛି। ସେଥିମଧ୍ୟରୁ, ବର୍ତ୍ତମାନ ସୁଦ୍ଧା ୨୭୦ରୁ ଅଧିକ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହି ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ଏହାର କାନ୍ଥବାଡ଼ରେ ଅଙ୍କାଯାଇଛି ବିଭିନ୍ନ ସଂଖ୍ୟା, ବାର, ଫୁଲ, ଫଳ ଏବଂ ପଶୁପକ୍ଷୀଙ୍କର ରଙ୍ଗିନ ଚିତ୍ର। ତା'ସାଙ୍ଗକୁ ବିଭିନ୍ନ ଖେଳ ଉପକରଣ ଓ ମନଲୋଭା ବହି ଆଦି ରହିଛି। କେନ୍ଦ୍ର ପରିସରରେ ଖେଳିବା ଲାଗି ଦୋଳି, ସି ଶ' ଏବଂ ସ୍ଲାଇଡ୍ ଆଦି କରାଯାଇଛି। ଫଳରେ, ସାନ ସାନ ପିଲାମାନେ ବେଶ୍ ଖୁସିରେ ଖେଳକୁଦ କରୁଛନ୍ତି। ଓ୍ୱାଡସି ଏଥିପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛି। ''ଆଗରୁ ମୋ' ଝିଆରୀ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିବାକୁ ଆଗ୍ରହ ଦେଖାଉ ନଥିଲା। ଏବେ ଅଙ୍ଗନବାଡ଼ି ନୂଆ ରୂପ ପାଇଛି। ଏଠାରେ ବିଭିନ୍ନ ଖେଳ ଉପକରଣ ରହିବା ସହିତ ଅଙ୍ଗନବାଡ଼ି ଦିଦି ନାଚ, ଗୀତ ମାଧ୍ୟମରେ ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି। ଫଳରେ ମୋ' ଝିଆରୀ ସବୁଦିନ ଅଙ୍ଗନବାଡ଼ିକୁ ଆସିବାକୁ ଆଗ୍ରହ ଦେଖାଉଛି'', କହନ୍ତି ମୟୂରଭଞ୍ଜ ଜିଲ୍ଲାର ଜଣେ ଅଭିଭାବକ ମିନତି ପରିଡ଼ା। ଏହି ଅତ୍ୟାଧୁନିକ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ ସଂଯୋଗ ସହ ଫ୍ୟାନ୍ ଓ ଆଲୋକ ବ୍ୟବସ୍ଥା କରାଯାଉଛି। ସେହିପରି ରୋଷେଇ ଘର, ବିଶୁଦ୍ଧ ପାନୀୟ ଜଳ ଓ ସ୍ୱଚ୍ଛ ଶୌଚାଳୟ ଆଦି ସୁବିଧା ଅଙ୍ଗନବାଡ଼ିକୁ ଏକ ନୂଆ ରୂପ ଦେଉଛି। ସେହିପରି କୁନି କୁନି ପିଲା, ଗର୍ଭବତୀ ଓ ପ୍ରସୂତୀ ମା'ମାନଙ୍କର ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ଉଲ୍ଲେଖନୀୟ ଭୂମିକା ନେଉଛି ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର। ଏଠାରେ ରହିଛି ସ୍ୱତନ୍ତ୍ର 'ମମତା ଗୃହ', ଯେଉଁଠି ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କ ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଏବଂ ଟିକାକରଣ ଭଳି ସେବା ପ୍ରଦାନ କରାଯାଉଛି। କେନ୍ଦ୍ରରେ ଶିଶୁମାନଙ୍କର ଓଜନ ମାପ, ହିମୋଗ୍ଲୋବିନ ସ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛି। ''ଓ୍ୱାଡସି ସହାୟତାରେ ମୟୂରଭଞ୍ଜ ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଆଧୁନିକ ରୂପ ଦିଆଯାଉଛି। ଏହି ନୂତନ ଢାଞ୍ଚାରେ ତିଆରି ହେଉଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ପିଲାମାନଙ୍କୁ ଅଧିକ ଆକର୍ଷିତ କରିବା ସହ ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟକଳାପ ମାଧ୍ୟମରେ ସେମାନଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶରେ ବିଶେଷ ସହାୟକ ହେଉଛି'', କହିଛନ୍ତି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ସିଙ୍କୁ। ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରତି ଶନିବାର କିଶୋର କିଶୋରୀମାନଙ୍କୁ ନେଇ ଆୟୋଜିତ ହେଉଛି 'ଅଦ୍ୱିକା' କାର୍ଯ୍ୟକ୍ରମ। ଏଠାରେ ବାଲ୍ୟବିବାହ ଭଳି ସାମାଜିକ ସମସ୍ୟା ସମ୍ପର୍କରେ ସେମାନଙ୍କୁ ସଚେତନ କରାଯାଉଛି। ଏହାସହ ମାସିକ ଋତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନତା ଲାଗି କିଶୋରୀମାନଙ୍କୁ ପରାମର୍ଶ ଦିଆଯାଉଛି। ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ରରେ 'ପୋଷଣ ବଗିଚା' କରାଯାଉଛି। ଏଠାରୁ ଅମଳ ହେଉଥିବା ପନିପରିବା ଶିଶୁମାନଙ୍କ ଖାଦ୍ୟରେ ସାମିଲ ହେଉଛି। ଏହାସହ ଅଙ୍ଗନବାଡ଼ିରେ ଶିଶୁମାନଙ୍କୁ ଅଣ୍ଡା ଓ ଛତୁଆ ଭଳି ବିଭିନ୍ନ ପୁଷ୍ଟିଯୁକ୍ତ ଖାଦ୍ୟ ଦିଆଯାଉଛି। ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ ମାତୃ ଓ ଶିଶୁ ମଙ୍ଗଳ ସେବାକୁ ରୂପାୟନ କରିବାରେ ପ୍ରମୁଖ ଭୂମିକା ନେଉଛି ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର। ଆଦିବାସୀ ବହୁଳ ଅଞ୍ଚଳରେ ମା' ଓ ଶିଶୁ ଏବଂ କିଶୋରୀମାନଙ୍କ ପୋଷଣ ତଥା ସ୍ୱାସ୍ଥ୍ୟର ସୁରକ୍ଷା ସହିତ ସାନ ସାନ ପିଲାଙ୍କର ସର୍ଜନାତ୍ମକ ବିକାଶକୁ ସୁନିଶ୍ଚିତ କରିବା ଦିଗରେ ଏହା ବିଶେଷ ସହାୟକ ହୋଇପାରୁଛି।

# ଖପ୍ରାଖୋଲ ଥାନାରେ ନୂଆ ଅପରାଧିକ ଆଇନ ସମ୍ପର୍କରେ ସଚେତନତା ଶିବିର

ବଲାଙ୍ଗିର, ୦୧/୭ (ନି.ପ୍ର): ତିନୋଟି ନୂଆ ଅପରାଧିକ ଆଇନ, ଭାରତୀୟ ନ୍ୟାୟ ସଂହିତା୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଆଇନ ୨୦୨୩ ଆସନ୍ତା ମାସ ପହିଲା (ଜୁଲାଇ ୧)ରୁ କାର୍ଯ୍ୟକାରୀ ହେବ । ଗତବର୍ଷ ଶୀତକାଳୀନ ଅଧିବେଶନରେ ସଂସଦରେ ଏହି ବିଲ୍ ଗୃହୀତ ହୋଇଥିଲା । ଭାରତୀୟ ନାଗରିକଙ୍କୁ ସଶକ୍ତ କରିବା ଦିଗରେ ନୂଆ ଅପରାଧିକ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରତ୍ୟେକ ନାଗରିକଙ୍କୁ ଅଧିକ ସୁଲଭ, ସହାୟକ ଏବଂ ଦକ୍ଷ ନ୍ୟାୟ ପ୍ରଦାନ ବ୍ୟବସ୍ଥା ସୃଷ୍ଟି କରିବା ଏହି ଆଇନଗୁଡ଼ିକର ଲକ୍ଷ୍ୟ । ଏନେଇ ଖପ୍ରାଖୋଲ ଥାନା ପରିସରରେ ଥିବା ଅଭ୍ୟର୍ଥନା କକ୍ଷରେ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ଅଧକ୍ଷତାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରିନସିପାଲ ବଳଭଦ୍ର ଦାସ ଉପସ୍ଥିତ ଥିଲେ । ଏନେଇ ଅତିଥିମାନେ ବକ୍ତବ୍ୟରେ କହିଥିଲେ ଯେତେବେଳେ ଜଣେ ବ୍ୟକ୍ତି ଗିରଫ ହେବେ, ସେତେବେଳେ ତାଙ୍କୁ ତାଙ୍କ ପସନ୍ଦ ବିଷୟରେ ତାଙ୍କ ପଦ ବିଷୟରେ ଜଣାଇବାର ଅଧିକାର ରହିବ । ନୂଆ ଆଇନରେ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସାର ତଦନ୍ତକୁ ପ୍ରାଥମିକତା ଦିଆଯାଇଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଲୋକଙ୍କ ସମସ୍ୟା....

ଆବଶ୍ୟକ ନିର୍ଦ୍ଦେଶ ଦେଉଥାନ୍ତି। ସେମାନଙ୍କ ମଧ୍ୟରେ ଥାଆନ୍ତି ଜଣେ ବୟୋବୃଦ୍ଧା ମହିଳା ସରସ୍ୱତୀ ତ୍ରିପାଠୀ। ତାଙ୍କର ପିଲାମାନେ ସମ୍ପତ୍ତି ହଡ଼ପ କରି ମା'ଙ୍କୁ ଘରୁ ବାହାର କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ପରାମର୍ଶ ଦେଲେ। ସେହିପରି କେନ୍ଦୁଝରର ଗୋଟିଏ ସ୍କୁଲରେ କାମ କରୁଥିବା ଜଣେ ମହିଳା ଅନେକ ଦିନ ଧରି ଦରମା ପାଉନାହାନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କର ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଥାଲାସେମିଆରେ ପୀଡିତ ଗୋଟିଏ ଛୋଟ ଝିଅର ବାପା ଯାଜପୁରର ସତ୍ୟଜିତ୍ ଆସିଥିଲେ ଚିକିତ୍ସା ସହାୟତା ପାଇଁ। ତାଙ୍କ ଝିଅର ହେବ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାନଟ୍ରେସନ୍। ସେଥିପାଇଁ ଯେତେ ଶୀଘ୍ର ସମ୍ଭବ ତାଙ୍କ ଚିକିତ୍ସାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିଲେ ନିର୍ଦ୍ଦେଶ। ଆବଶ୍ୟକସ୍ଥଳେ ତାଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ। ଏମିତି ଅନେକ ପୀଡିତ, ଦିବ୍ୟାଙ୍ଗ, ବୟୋବୃଦ୍ଧମାନେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି, ତାଙ୍କ ସମସ୍ୟା ଶୁଣାଉଥାନ୍ତି ଓ ସମାଧାନର ଭରଷା ନେଇ ଯାଉଥାନ୍ତି। ରାଜ୍ୟର ମୁଖ୍ୟଙ୍କଠାରୁ ଭରଷାର ବାଣୀ ଶୁଣି ସେମାନେ ଅତ୍ୟନ୍ତ ଖୁସି ହୋଇ ଫେରୁଥାନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପ୍ରଥମ ଦିନରୁ ହିଁ ଲୋକଙ୍କ ସହିତ ଖୋଲା ମନରେ ମିଶୁଛନ୍ତି। ଲୋକଙ୍କ ସମସ୍ୟା ଜାଣିବାକୁ ଚେଷ୍ଟା କରୁଛନ୍ତି। ଭୁବନେଶ୍ୱରର ରାଜ୍ୟ ଅତିଥି ଭବନର କାର୍ଯ୍ୟାଳୟ ହେଉ ବା ବରଗଡ ଓ କେନ୍ଦୁଝର ଗସ୍ତ ପରି ବିଭିନ୍ନ ଜିଲ୍ଲା ଗସ୍ତ ହେଉ, ସବୁ ସମୟରେ ସେ ସାଧାରଣ ଲୋକଙ୍କ ସହିତ ହୃଦୟ ଖୋଲି ମିଶୁଛନ୍ତି ଓ ଆଲୋଚନା କରୁଛନ୍ତି ଓ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରୁଛନ୍ତି। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ପରିଚୟ ଦିନ କୁ ଦିନ ହେଉଛି ଉଜ୍ଜ୍ୱଳ। ଆଜି ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ହୋଇଥିଲା। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପ୍ରତି ସୋମବାର ଏହି ପରି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାଯାଇଛି। ଆଜି ସମୁଦାୟ ୧୫୪୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ପ୍ରାୟ ୫୦୦୦ ରୁ ଅଧିକ ଲୋକ ଆସିଥିଲେ।

### ମନଇଚ୍ଛା କାଟି ପାରିବେନି ...

ଥିବା ସମସ୍ତ ଫରେଷ୍ଟ ବ୍ଲକ୍ ବାଉଣ୍ଡରୀ ପିଲାର ଚାରିପାଖରେ ଲାଗିବ ୪ଟି ଲେଖାଏଁ ତାଳ ଗଛ। ସେଥିପାଇଁ ଝଜଉଙ୍କ ପକ୍ଷରୁ ସାଢ଼େ ୭ କୋଟି ଟଙ୍କା ଖର୍ଚ୍ଚ ହେବ। ବଜ୍ରପାତ ଜନିତ ମୃତ୍ୟୁ କମାଇବା ସହ ହାତୀଙ୍କୁ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଓ ବନ ବିଭାଗର ଫରେଷ୍ଟ ବ୍ଲକ୍ ବାଉଣ୍ଡରୀ ପିଲାରଗୁଡ଼ିକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ୧୯ ଲକ୍ଷ ତାଳଗଛ ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, କୃଷି ବିଭାଗକୁ ମଧ ତାଳ ଗଛ ରୋପଣ ପାଇଁ ଏସଆରସି ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

### ଏଥର ପୁରୀ ରଥଯାତ୍ରାରେ...

ପ୍ରତିବର୍ଷ ରଥଯାତ୍ରାରେ ଲକ୍ଷାଧିକ ଲୋକଙ୍କର ଭିଡ଼, ୧୫ ଲକ୍ଷ ଲୋକଙ୍କ ସମାଗମ, ୧୦ଲକ୍ଷରୁ ଅଧିକ ଲୋକଙ୍କ ଭିଡ଼, ପୁରୀ ଦଣ୍ଡ ଲୋକାରଣ୍ୟ ଏଭଳି ସିରୋନାମା ଦେଇ ଖବରକାଗଜ, ଟେଲିଭିଜନ ଓ ଡିଜିଟାଲ ମିଡିଆରେ ଖବର ପ୍ରକାଶ ପାଇଥାଏ। କିନ୍ତୁ ରଥଯାତ୍ରାରେ କେତେ ଲୋକଙ୍କର ଭିଡ଼ ହୋଇଥାଏ, ତାହା ସଠିକ ଭାବେ ଗଣତି କରିବା ସମ୍ଭବ ନୁହେଁ। କିନ୍ତୁ ସରକାର ଏହି କାମକୁ ସଫଳ ରୂପ ଦେବା ପାଇଁ ଉଦ୍ୟମ କରୁଛନ୍ତି।

### ସଂସଦରେ ରାହୁଲ ଗାନ୍ଧି ଓ ପ୍ରଧାନମନ୍ତ୍ରୀ ...

ଗାନ୍ଧି ଭାଷଣ ଦେବା ବେଳେ ମୋଦି ଦୁଇ ଥର ନିଜ ଆସନରେ ଛିଡ଼ା ହୋଇ ଏହାକୁ ବିରୋଧ କରିଥିଲେ। ସମଗ୍ର ହିନ୍ଦୁ ସଂପ୍ରଦାୟକୁ ହିଂସା ସୃଷ୍ଟିକାରୀ କହିବା ଗୋଟିଏ ଗୁରୁତ୍ୱର ପ୍ରସଙ୍ଗ ବୋଲି ମୋଦି କହିଥିଲେ। ଏଥିସହ ସମ୍ବିଧାନ ତାଙ୍କୁ ବିରୋଧୀ ଦଳର ନେତା ପଦକୁ ସମ୍ମାନ ଦେବା ଶିଖାଇଥିବା ମୋଦି କହିଥିଲେ। ତେବେ ମୋଦିଙ୍କୁ କାଉଣ୍ଟର କରି ରାହୁଲ ଗାନ୍ଧି କହିଛନ୍ତି, ବିଜେପି ଓ ଆରଏସଏସ୍ ପୂରା ହିନ୍ଦୁ ସଂପ୍ରଦାୟର ପ୍ରତିନିଧିତ୍ୱ କରୁନାହାନ୍ତି। ରାହୁଲ ଗାନ୍ଧି ନିଜ ଭାଷଣରେ ବିଜେପି ଓ ଆରଏସ୍ଏସ୍କୁ ଟାର୍ଗେଟ କରୁଥିବା ବେଳେ ଗୃହରେ ପ୍ରବଳ ନାରାବାଜୀ ହୋଇଥିଲା। ଶାସକ ଦଳର ସଦସ୍ୟମାନେ ରାହୁଲଙ୍କ ବୟାନକୁ ବିରୋଧ କରିଥିଲେ। ସେହିପରି ସେ ଭଗବାନ ଶିବଙ୍କ ଫଟୋ ପ୍ରଦର୍ଶିତ କରୁଥିବା ବେଳେ ଏଥିପାଇଁ ବାଚସ୍ପତି ଓମ ବିର୍ଲା ଅନୁମତି ଦେଇ ନଥିଲେ। ତଥାପି ରାହୁଲ ଗାନ୍ଧି ଏହାକୁ ପ୍ରଦର୍ଶିତ କରିଥିଲେ। ରାହୁଲ ଗାନ୍ଧି କହିଛନ୍ତି, "ଆମର ମହା ପୂର୍ବପୁରୁଷମାନେ ଅହିଂସା କଥା କହିଛନ୍ତି। କିନ୍ତୁ ଯେଉଁମାନେ ନିଜକୁ ହିନ୍ଦୁ ବୋଲି କହୁଛନ୍ତି, ସେମାନେ ବାସ୍ତବରେ ଘୃଣା ସୃଷ୍ଟି କରୁଛନ୍ତି। ଆପାଣମାନେ ହିନ୍ଦୁ ହିଁ ନୁହନ୍ତି।" ରାହୁଲ ଗାନ୍ଧି ନିଜର ଭାଷଣ ଆରମ୍ଭରେ ଭାରତର ବିଚାରଧାରା, ସମ୍ବିଧାନ ଓ ସମ୍ବିଧାନ ଉପରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ଉପରେ ସଂପୂର୍ଣ୍ଣ ଭାବେ ବ୍ୟବସ୍ଥିତ ଢଙ୍ଗରେ ଆକ୍ରମଣ କରାଯାଉଥିବା କହିଥିଲେ। ଅନେକ ବିରୋଧୀ ଦଳର ନେତାଙ୍କୁ ବ୍ୟକ୍ତିଗତ ଭାବେ ଆକ୍ରମଣ କରାଯାଉଥିବା ବେଳେ ଆଉ କିଛି ନେତାଙ୍କୁ ଏବେ ବି ଜେଲରେ ରଖାଯାଇଥିବା ସେ କହିଛନ୍ତି। ଏଠାରେ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ କଥା ପରୋକ୍ଷରେ ଉଦାହରଣ ଦେଇ କହିଛନ୍ତି। ରାହୁଲ କହିଛନ୍ତି, "ଯଦି ଆପଣ ଭଗବାନ ଶିବଙ୍କ ଛବିକୁ ଦେଖିବେ, ତା'ହେଲେ ହିନ୍ଦୁମାନେ କେବେ ହେଲେ ଭୟ ଓ ଘୃଣାର ପରିବେଶ ସୃଷ୍ଟି କରନ୍ତି ନାହିଁ ବୋଲି ଜାଣିପାରିବେ। କିନ୍ତୁ ବିଜେପି ୨୪ ଘଣ୍ଟା ଘୃଣା ଓ ଭୟର ପ୍ରଚାର କରୁଛି।" ସେ ପ୍ରଫେଟ ମହମ୍ମଦ ଓ ଗୁରୁ ନାନକଙ୍କ ଫଟୋ ମଧ ପ୍ରଦର୍ଶିତ କରିଥିଲେ। ସେ କହିଛନ୍ତି, "ଡରନ୍ତୁ ନାହିଁ... ଡରନ୍ତୁ ନାହିଁ। ଅଭୟ ମୁଦ୍ରା ହେଉଛି କଂଗ୍ରେସର ଚିହ୍ନ। ଏହା ସୁରକ୍ଷାର ପ୍ରତୀକ। ଏହା ଭୟକୁ ଦୂର କରେ ଓ ହିନ୍ଦୁତ୍ୱ, ଇସଲାମ, ଶିଖ, ବୌଦ୍ଧ ଓ ଅନ୍ୟ ଭାରତୀୟ ଧର୍ମର ଧାର୍ମିକ ସୁରକ୍ଷା କରିଥାଏ।" ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏପରି ବୟାନକୁ ହିନ୍ଦୁଙ୍କ ପ୍ରତି ଅପମାନ ଓ ଏଥିପାଇଁ ରାହୁଲ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି।

### ଆଜିଠୁ ଦେଶରେ ବଦଳିଲା...

- ସାଙ୍ଗଠନିକ ଅପରାଧ ଓ ଆତଙ୍କବାଦର ସଂଜ୍ଞା ପରିବର୍ତ୍ତନ
- ରାଜଦ୍ରୋହ ଶବ୍ଦକୁ ହଟାଯାଇ ଦେଶଦ୍ରୋହକୁ ସାମିଲ କରାଯାଇଛି
- ସମସ୍ତ ତଲାସୀ ଓ ଜବତ କ୍ଷେତ୍ରରେ ଭିଡ଼ିଓଗ୍ରାଫି ବାଧ୍ୟତାମୂଳକ
- ଗିରଫ ହେବା ପରେ ଜଣେ ବ୍ୟକ୍ତି ପରିବାର ଓ ସମ୍ପର୍କୀୟଙ୍କୁ ସ୍ଥିତି ସଂମ୍ପର୍କରେ ଜଣାଇପାରିବେ
- ନିଜର ସ୍ଥିତି ସମ୍ପର୍କରେ ଜଣାଇବାକୁ ଦିଆଯାଇଛି ଅଧିକାର
- ଗିରଫ ସମ୍ପର୍କିତ ସମସ୍ତ ତଥ୍ୟ ଥାନା କିମ୍ବା ପୋଲିସ ମୁଖ୍ୟାଳୟରେ ରଖାଯିବ
- ବ୍ୟକ୍ତିଗତ ଭାବେ ହାଜର ନହୋଇ ଇଲେକ୍ଟ୍ରୋନିକ ମାଧ୍ୟମରେ ଏଫ୍ଆଇଆର କରିହେବ

ଇଣ୍ଡିଆନ ପେନାଲ କୋଡ ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା, କ୍ରିମିନାଲ ପ୍ରୋସିଜିଓର କୋଡ ବଦଳରେ ଭାରତୀୟ ନାଗରିକ ସଂହିତା ଓ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ସ୍ଥାନରେ ଆସିଛି ଭାରତୀୟ ସାକ୍ଷ୍ୟ ଅଧିନିୟମ । ନୂଆ ଆଇନରେ ଏକ ଆଧୁନିକ ନ୍ୟାୟ ବ୍ୟବସ୍ଥା ଅଣାଯାଇଛି । ଜିରୋ ଏଫଆଇଆର, ପୁଲିସ ଅଭିଯୋଗର ଅନଲାଇନ ପଂଜୀକରଣ ବ୍ୟବସ୍ଥା ରହିଛି । ୨୦୨୩ ଜାନୁଆରୀରେ କେନ୍ଦ୍ର ସରକାର ତିନୋଟି ଅପରାଧିକ ଆଇନ ପ୍ରଣୟନ କରିଥିଲେ ।

### ସୁକିନ୍ଦା ଖଣି ଅଞ୍ଚଳରେ ...

ଏହାକୁ ନେଇ ଶ୍ରମିକ ସଙ୍ଗଠନ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଆଜି ଚାକାଜାମ୍ ଆନ୍ଦୋଳନ ଡାକରା ଦେଇଥିଲା ଶ୍ରମିକ ସଂଗଠନ। ଆଇନ୍ ଶୃଙ୍ଖଳା ସ୍ଥିତି ବିଗିଡ଼ା ଦୃଷ୍ଟିରେ ରଖି ଆଜି ସକାଳଠାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣି ଅଂଚଳର ୧୪୪ ଧାରା ଜାରି କରାଯାଇଛି। ଖଣି ଅଞ୍ଚଳରେ ୫୦୦ ମିଟର ଦୂରତା ଭିତରେ ୫ ଜଣ ବ୍ୟକ୍ତି ଏକତ୍ର ହୋଇପାରିବେ। ଆଜିଠାରୁ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି ରହିବ। ସରକାରୀ କର୍ମଚାରୀ, ଖଣି କର୍ମଚାରୀମାନେ ନିଜ କାର୍ଯ୍ୟରେ ଯୋଗଦେବା ପାଇଁ ଯିବା ଆସିବା କରିପାରିବେ। ଯଦି କେହି ୧୪୪ ଧାରା ଆଇନ୍କୁ ଅମାନ୍ୟ କରନ୍ତି, ତା'ହେଲେ ଆଇନ୍ ଅନୁସାରେ ଦଣ୍ଡିତ କରାଯିବ ବୋଲି କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ କହିଛନ୍ତି।

# କଂଗ୍ରେସ ଭବନ ମୁଖ୍ୟ ଫାଟକ ପାଖରୁ ଅନଶନ ଭାଙ୍ଗିଲେ ଶ୍ରେୟାସ୍ମିତା ପଣ୍ଡା

ଭୁବନେଶ୍ୱର, ୦୧/୭ (ନି.ପ୍ର): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୯ ଦିନ ଧରି ଧାରଣାରେ ବସିଥିବା ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦିକା ଶ୍ରେୟାସ୍ମିତା ପଣ୍ଡା ସୋମବାର ଦିନ କଂଗ୍ରେସ ଭବନ ସମ୍ମୁଖରୁ ତାଙ୍କର ଅନଶନ ଭଙ୍ଗ କରିଛନ୍ତି। କ୍ୟାପିଟାଲ ଥାନାର ଅଧିକାରୀ, ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ୟାସିର ନୱାଜ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଦୀପ ପାତ୍ର, ପୂର୍ବତନ ଏଆଇସିସି ସଭ୍ୟା ଜାନକୀ ମଲ୍ଲିକ, ଲିପିକା ପାତ୍ର, ଲିପ୍ସା ନାୟକ ପ୍ରମୁଖ କିଛି କଂଗ୍ରେସ ନେତୃବୃନ୍ଦଙ୍କ ଅନୁରୋଧ କ୍ରମେ ସୋମବାର ଶ୍ରୀମତୀ ପଣ୍ଡା ମୁଖ୍ୟ ଫାଟକ ପାଖରୁ ଉଠି ଯାଇଛନ୍ତି, ମାତ୍ର ସେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଭିତରେ ତାଙ୍କର ଧାରଣା ଚାଲୁ ରଖିବେ ବୋଲି ଜଣାପଡ଼ିଛି। ପ୍ରଦେଶ କଂଗ୍ରେସ ସଭାପତି ତାଙ୍କୁ ବିନା କାରଣରେ ଦଳରୁ ବହିଷ୍କାର କରିଛନ୍ତି। ଯେପର୍ଯ୍ୟନ୍ତ ବହିଷ୍କାରର କାରଣ ପ୍ରଦେଶ କଂଗ୍ରେସର ସଭାପତି ତାଙ୍କ ନିକଟରେ ପ୍ରମାଣି ନ କରିଛନ୍ତି ସେ ତାଙ୍କର ଧାରଣା ଜାରି ରଖିବେ ବୋଲି କହିଛନ୍ତି।

ମଙ୍ଗଳବାର, ଜୁଲାଇ ୦୨, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଦୁତିକାଦେଈପୁର ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ

ଉଦଳା, ୦୧/୭ (ନି.ପ୍ର): ଉଦଳା ବ୍ଲକର କଇଁସାରି କ୍ଲଷ୍ଟର ଅନ୍ତର୍ଗତ ଦୁତିକାଦେଈପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଆନନ୍ଦ ଉଲ୍ଲାସ ମଧ୍ୟରେ ବନମହୋତ୍ସବ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ବୃକ୍ଷରୋପଣର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ବେହେରା ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ଅମ୍ଳଜାନ ପୂର୍ଣ୍ଣ ବାୟୁ ମଣ୍ଡଳ ପାଇଁ ଆଜି କିପରି ଜୀବଜଗତ ବଂଚି ରହିଛି ଓ ଏଥିପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଛାତ୍ର ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଉଦଳା ରେଞ୍ଜ ଅଫିସର ଜଗଦିଶ ଦାଶ, ଫରେଷ୍ଟର ଅଙ୍କୁର ମହାଳିକ, ବନରକ୍ଷୀ ଅଂଜନ କୁମାର ଲେଙ୍କା ଓ ସୌମ୍ୟା ସୁଚରିତା ମହାପାତ୍ର , ଅବସରପ୍ରାପ୍ତ ଶିକ୍ଷକ କୁଳମଣି ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ ସମ୍ପଦର ଆବଶ୍ୟକତା କିପରି ରହିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବିନ୍ଦ୍ର ଜେନା, ସିଆରସିସି ଶାନ୍ତନୁ ଦାଶ, ସହକାରୀ ଶିକ୍ଷକ ବିରେନ୍ଦ୍ର ମଢ଼େଇ ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।




# ଶ୍ରୀରାମପୁର ପଂଚାୟତ କାର୍ଯ୍ୟାଳୟରୁ ଚୋରୀ : ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ୍

ଜଳେଶ୍ୱର , ୦୧/୭ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଶ୍ରୀରାମପୁର ପଂଚାୟତ କାର୍ଯ୍ୟାଳୟ ଓ ପମ୍ପ ଘର ଫାଟକ ତାଲା ଭାଂଗି ମୂଲ୍ୟବାନ ସାମଗ୍ରୀ ଚୋରୀ ହୋଇଥିବା ଅଭିଯୋଗ ହୋଇଛି । ପ୍ରତିଦିନ ପରି ଆଜି ମଧ୍ୟ ଗ୍ରାମ ଲୋକଙ୍କୁ ପାଣି ଯୋଗାଇବାଲାଗି ଚାଳକ ସୁରେଶ ମଲ୍ଲିକ ପମ୍ପଘର ନିକଟକୁ ଆସିଥିଲେ । କିନ୍ତୁ ୨ଟି ସ୍ଥାନରେ ତାଲା ଭଂଗା ଦେଖି ସରପଂଚ ଆଲୋକ ଗିରି ଓ ସମିତି ସଦସ୍ୟ ଗୋପାଳ ଚନ୍ଦ୍ର ସାମଲଙ୍କୁ ଜଣାଇଥିଲେ । ପରେ ପଂଚାୟତ କାର୍ଯ୍ୟାଳୟରେ ଲାଗିଥିବା ଏଲସିଡି, ହାଡଡିକ୍ସ ଓ ଅନ୍ୟ କେତେକ ସାମଗ୍ରୀ ଚୋରୀ ହୋଇଛି । ସରପଂଚଙ୍କ ଏତାଲାମୂଳେ ରାଇବଣିଆ ପୋଲିସ୍ ଓ ୪ଜଣିଆ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି ।

# ମିଳିତ ଜନ ଶୁଣାଣି ଶିବିରରେ ୧୨୮ ଅଭିଯୋଗ: ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

ଭଦ୍ରକ, ୦୧/୭ (ନି.ପ୍ର): ଗତ ସାଧାରଣ ନିର୍ବାଚନ-୨୦୨୪ ଅବସରରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଆୟୋଜନ କାର୍ଯ୍ୟକ୍ରମ ବନ୍ଦ ଥିଲା । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜୁଲାଇ ୧ ତାରିଖ ସୋମବାର ଦିନ ଠାରୁ ଏହି କାର୍ଯ୍ୟକ୍ରମ ପୁନଃ ଆରମ୍ଭ କରାଯାଇଛି । ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମାସର ପ୍ରଥମ ଜନ ଶୁଣାଣି ଶିବିର ଜୁଲାଇ ୧ ତାରିଖ ସୋମବାର ଦିନ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭଦ୍ରକ, ଏସ୍.ପି.ବରୁଣ ଗୁଣ୍ଟୁପାଲ୍ଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୨୮ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୧୦୬ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିଲା ବେଳେ ୨୨ ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ସମୁଦାୟ ଅଭିଯୋଗ ମଧ୍ୟରେ ୪ଟି ରେଡ଼କ୍ରସ୍ ଓ ୫ଟି ସିଏମ୍.ଆର୍.ଏଫ୍. ସମ୍ବନ୍ଧରେ ଆବେଦନ ଥିଲା ଏବଂ ଏ ବାବଦ ରେଡ଼କ୍ରସ୍ ପାଣ୍ଠିରୁ ୩୦ ହଜାର ଓ ସି.ଏମ୍.ଆର୍.ଏଫ୍. ପାଣ୍ଠିରୁ ୭୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି । ରେଡ଼କ୍ରସ୍ ପାଣ୍ଠିରୁ ସରମରା ର ଝରଣା ନାୟକଙ୍କୁ ୫ହଜାର, ପୁରୁଣାବଜାରର ଓକିଲ ଅହମ୍ମଦଙ୍କୁ ୧୦ ହଜାର, ଚାରିଗାଁର କାର୍ତ୍ତିକ ପୃଷ୍ଟିଙ୍କୁ ୫ ହଜାର, ରଘୁନାଥପୁରରେ ଶ୍ରୁତି ନାୟକଙ୍କୁ ୧୦ ହଜାର, ଏବଂ ସି.ଏମ୍.ଆର୍.ଏଫ୍ ରୁ ଚରମ୍ପାର ସୁନିଲ ମହାକୁଡ଼ଙ୍କୁ ୧୨ ହଜାର, ଗୋହିରାଣୀର ସଦାନନ୍ଦ ସାହୁଙ୍କୁ ୧୨ ହଜାର, ଅଳଉତିର ବୀଣାପାଣି ସାହୁଙ୍କୁ ୧୨ ହଜାର, କଣ୍ଟିଦୋଳର ରଜନୀକାନ୍ତ ମିଶ୍ରଙ୍କୁ ୨୫ ହଜାର, ମଠସାହିର ଇନ୍ଦୁମତୀ ଦାସଙ୍କୁ ୧୨ ହଜାର ଟଙ୍କାର ଆର୍ଥିକ ସହାୟତା ବୃହତ୍ତର ଚିକିତ୍ସା ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ବର୍ଷାଦିନ ଆସିଯାଇଥିବାରୁ ଅତ୍ୟନ୍ତ ଖରାପ ଥିବା ରାସ୍ତାର ମରାମତି, ଚାଷକୁ କ୍ଷତିଗ୍ରସ୍ତ କରୁଥିବା ବଳକାଜଳର ନିଷ୍କାସନ ବ୍ୟବସ୍ଥା, ଜମି ଜବର ଦଖଲ, ନାମଜାରି, ଜମି ଚିହ୍ନଟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନ ଆଦି ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ଗ୍ରହଣ କରି ଯଥା ସମ୍ଭବ ଆଶୁ ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରା ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ ।



# ବରିଷ୍ଠ ନାଗରିକ ମଞ୍ଚର ଡାକ୍ତର ଦିବସ ପାଳନ



ଖଇରା, ୦୧/୭ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ଡାକ୍ତର ଦିବସ ପାଳିତ ହୋଇ ଯାଇଛି । ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚ ର ସମ୍ପାଦକ ମୁକ୍ତିକାନ୍ତ ଶତପଥି ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ମଞ୍ଚର ସଦସ୍ୟ ମାନେ ଖଇରା ମେଡିକାଲର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର ତଥା କାର୍ଯ୍ୟରତ ଅନ୍ୟ ଚିକିତ୍ସକ ଡା ଅନୋଲା ଜଗଦେବ,ଡା ମୃତ୍ୟୁଞ୍ଜୟ ବିଶ୍ୱାଳ, ଡା ଚନ୍ଦ୍ରକାନ୍ତ ଦାସ,ଡା ସଞ୍ଜିବା ବିଶ୍ୱାଳ ଙ୍କୁ ଫୁଲଚାରା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦପାଠ , ବୁଦ୍ଧିରାମ ପାଣିଗ୍ରାହୀ ପ୍ରାରମ୍ଭିକ ସୁଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ଅନ୍ୟତମ ହୋମିଓପାଥି ଚିକିତ୍ସକ ଡା ହରେକୃଷ୍ଣ ରାଉତଙ୍କୁ କ୍ଲିନିକ ପରିସରରେ ସମ୍ମାନିତ କରାଯାଇଥିଲା । ମଞ୍ଚର ସଦସ୍ୟ ବସନ୍ତ ଖିଲାର, ଅନାମ ଚରଣ ପଣ୍ଡା, ଅନ୍ତର୍ଯ୍ୟାମୀ ପାତ୍ର, ସନ୍ତୋଷ ଶତପଥି,ଅରୁଣ ସ୍ୱାଇଁ ମେଡିକାଲ କର୍ମଚାରୀ ମୁକ୍ତିକାନ୍ତ ପଣ୍ଡା, ସୂର୍ଯ୍ୟକାନ୍ତ ବାରିକ, ଜିବନ କୁମାର ଦାସ,ମନୋଜ କୁମାର ରଣା ତଥା ଯୋଗଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ । ପଦ୍ମଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ୟବସାୟୀଙ୍କ ପରଲୋକ

ଖଇରା, ୦୧/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ ବଜାରରେ ଔଷଧ ବ୍ୟବସାୟୀ ମହେଶ୍ୱର ବାରିକ(୫୯) ଶନିବାର ସଂଧ୍ୟାରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ଏଭଳି ଆକସ୍ମିକ ମୃତ୍ୟୁରେ ସମଗ୍ର ତୁଡିଗଡିଆ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ପ୍ରହରାଜପୁର ଗ୍ରାମ ନିବାସୀ ମହେଶ୍ୱର ୪୦ବର୍ଷ ଧରି ତୁଡିଗଡିଆରେ ମେଡିସିନ ଦୋକାନ କରି ଜିବିକା ନିର୍ବାହ କରୁଥିଲେ । କିଛି ଦିନ ତଳେ ହୃଦଘାତ ଯୋଗୁଁ ତାଙ୍କୁ ଚିକିତ୍ସାପାଇଁ ଘରୋଇ ହସପିଟାଲରେ ଭର୍ତ୍ତୀ କରାଯାଇଥିଲା । ବଜାର କମିଟି ତରଫରୁ ଶୋକ ପ୍ରକଟ କରାଯାଇଛି ।

# ବିଧାୟକ ସନ୍ତୋଷ ଖଟୁଆ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା କମିଟିର ସଦସ୍ୟ ମନୋନୀତ

ନୀଳଗିରି , ୦୧/୭ (ନି.ପ୍ର): ରାଜ୍ୟରେ ବିଜେପିର ନୂତନ ସରକାର ଗଠନ ପରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନୂତନ କମିଟି ଗଠନ କରାଯାଇଛି । ଏଥିରେ ମନ୍ତ୍ରିମଣ୍ଡଳର ଅଧିକାଂଶ ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ସମେତ ପ୍ରାୟ ସମସ୍ତ ବିଭାଗର ସଚିବ ଏହି ରାଜ୍ୟ ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିରେ ସ୍ଥାନ ପାଇଛନ୍ତି । ନୂତନ କମିଟିରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ , ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ସ୍ଥାନ ପାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । କମିଟିରେ ସ୍ଥାନ ପାଇବା ପରେ ନୀଳଗିରି ବିଜେପି କର୍ମୀ ମହଲ ଉତ୍ସାହିତ ଥିବା ଦେଖାଯାଇଛି । ନୀଳଗିରି ବାତ୍ୟା ପ୍ରବଣ ଅଞ୍ଚଳ ହୋଇନଥିଲେ ମଧ ମରୁଡି ପ୍ରଭାବିତ ଅଞ୍ଚଳ ଅଟେ । ଶ୍ରୀ ଖଟୁଆ ଉକ୍ତ କମିଟିରେ ସ୍ଥାନ ପାଇବା ପରେ ନୀଳଗିରିବାସୀ ଉତ୍ସାହିତ ଅଛନ୍ତି । ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ଦୈବିପାକ ରେ ଯୁଝୁଥିବା ଓଡ଼ିଶା ନୂତନ କମିଟି ପାଖରୁ ଅନେକ କିଛି ଆଶା ରଖିଥିବା ବେଳେ ଆଗାମୀ ଜୁଲାଇ ୪ତାରିଖରେ କମିଟିର ପ୍ରଥମ ବୈଠକ ବସିବ ବୋଲି ସୂଚନା ମିଳିଛି ।



# ପାରାଦୀପ ପୋର୍ଟକୁ ବ୍ୟାଗ ଅଫ୍ ଦି ଇୟର ପୁରସ୍କାର




ପାରାଦୀପ, ୦୧/୭ (ନି.ପ୍ର): ଶୁକ୍ରବାର ଦିନ ମୁମ୍ବାଇରେ ଡେଲି ସିପିଂ ଟାଇମ୍ସ ଦ୍ୱାରା ଆୟୋଜିତ ଭାରତ ସାମୁଦ୍ରିକ ପୁରସ୍କାରରେ ପାରାଦୀପ ବନ୍ଦରକୁ ବର୍ଷର ସର୍ବୋତ୍ତମ ବନ୍ଦର (ଅଣ-କଣ୍ଟେନେରାଇଜଡ୍) ସମ୍ମାନରେ ସମ୍ମାନିତ କରାଯାଇଥିଲା । ପାରାଦୀପ ବନ୍ଦର ପ୍ରାଧିକରଣର (ପିପିଏ) ଉପାଧ୍ୟକ୍ଷ ନୀଲଭ୍ର ଦାସଗୁପ୍ତା ଏହି ପୁରସ୍କାର ଗ୍ରହଣ କରିଥିଲେ । ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ. ହରନାଦ ଏହି ପୁରସ୍କାର ପାଇଁ ପାରାଦୀପ ପୋର୍ଟ ଅଥରୀଟି ସହ ଜଡିତ ସମସଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଇଣ୍ଡିଆ ସାମୁଦ୍ରିକ ପୁରସ୍କାର ସମ୍ମାନ ଏବଂ ପାନ ଇଣ୍ଡିଆ ଆଧାରରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରିଛି ଯେଉଁମାନେ ସାମୁଦ୍ରିକ ଡୋମେନରେ ଉତ୍କର୍ଷ ହୋଇଛନ୍ତି ।

# ଲଙ୍ଗଳେଶ୍ୱର ଗ୍ରାମର ୧୫ ପରିବାର ପାଣି ପାଇଁ ଡହଳ ବିକଳ: ବିଭାଗୀୟ ଅଧିକାରୀ ନୀରବ

ଲଙ୍ଗଳେଶ୍ୱର/ବାଲିଆପାଳ , ୦୧/୭ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ଦୀର୍ଘ ଦିନ ଧରି ଚାଲିଥିବା ସମୟରେ ସାରା ରାଜ୍ୟରେ ପାଣିର ସମସ୍ୟା ଉତ୍କଟ ହୋଇଛି । ଆଷାଢ଼ ମାସ ଅଧା ହେବାକୁ ବସିଲାଣି ବର୍ଷା ମଧ ହେଉନାହିଁ । ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକର ଲଙ୍ଗଳେଶ୍ୱର ଗ୍ରାମର ଥିବା ବ୍ୟାଙ୍କ ପଛପଟ ସାହିରେ । ଏ ଠାରେ ବସବାସ କରୁଥିବା ଅନ୍ୟୁନ ପନ୍ଦର ପରିବାର ପାଣି ପାଇଁ ଡହଳବିକଳ ହେବାସହ ଦୁଇ କିଲୋମିଟର ଦୂରର କୁ ଯାଇ ସେମାନଙ୍କୁ ପାଣି ଆଣି ବାକୁ ପଡୁଛି । ଯାହା ଫଳରେ ବୟସ୍କ ମହିଳା ମାନେ ନାହିଁ ନ ଥିବା ଅସୁବିଧା ରେ ପଡୁଛନ୍ତି । ଏହି ସାହିରେ ବର୍ଷେ ତଳେ ଏକ ନଳକୂଅ ବସାଯାଇ ଥିଲା । ସେଥିରୁ ଲୁଣିଆ ପାଣି ବାହାରିବାରୁ ପିଇବା ପାଇଁ ତାହା ଅନୁପଯୁକ୍ତ ହୋଇ ଥିଲା । ତାହା ଏବେ ଅଚଳ ହେବାକୁ ବସିଛି । ସେହି ସାହିକୁ ପାନୀୟ ଜଳ ଯୋଗାଣ ପାଇଁ ପାଣି ପାଇପ ବିଛାଯାଇଛି ହେଲେ ପାଣି ବାହାରୁ ନାହିଁ । ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରିତା ସିଂଙ୍ଗ, ଅହଲ୍ୟା ମଲ୍ଲିକ, କୈାଶଲ୍ୟା ମଲ୍ଲିକ, ବିଶୟା ମଲ୍ଲିକ, ରାଧାରାଣୀ ପଟାୟତ ସୁମିତ୍ରା ପଟାୟତ,ଶାନ୍ତିଲତା ପଟାୟତ, ବାସନ୍ତୀ ପାତ୍ର, ଅନିତା ପଟାୟତ,ରିନା ପାତ୍ର ପ୍ରମୁଖ ଦାବି କରିଛନ୍ତି । ତେବେ ଏ ବାବଦ ରେ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।



# କେନ୍ଦ୍ର ସରକାରଙ୍କ କଳା ପରିବହନ ଆଇନ୍‌କୁ ବିରୋଧ : ଅଟୋ ଓ ଟଟୋ ସଂଘର ପ୍ରତିବାଦ

ଜଳେଶ୍ୱର , ୦୧/୭ (ନି.ପ୍ର): କେନ୍ଦ୍ର ସରକାରଙ୍କ କଳା ପରିବହନ ଆଇନ୍‌କୁ ବାତିଲ କରିବା ଦାବୀ ନେଇ କେନ୍ଦ୍ରୀୟ ଟ୍ରେଡ ୟୁନିୟନ (ସିଟୁ) ପକ୍ଷରୁ ଆଜି ସମଗ୍ର ଦେଶରେ ପ୍ରତିବାଦ ଓ ବିକ୍ଷୋଭ କରାଯାଉଥିବା ବେଳେ ଜଳେଶ୍ୱର ଷ୍ଟେସନ ଛକ ଠାରେ ନେତାଜୀ ସୁବାସ ବୋଷ ଅଟୋ ସଂଘ, ଜଗନ୍ନାଥ ଅଟୋ ସଂଘ ଓ ମହାତ୍ମାଗାନ୍ଧୀ ଟଟୋ ସଂଘ ମିଳିତଭାବେ ପ୍ରତିବାଦ ସଭା କରିଛନ୍ତି । କେନ୍ଦ୍ର ସରକାରଙ୍କ ହିଟ ଏଣ୍ଡ ରନ୍ ଭଳି ଡ୍ରାଇଭର ମାରଣ ନିତୀ ଲାଗୁ କରି ୧୦ବର୍ଷ ଜେଲ ଓ ୭ହଜାର ଟଙ୍କା ଜୋରିମାନା ଦେବା ଅନ୍ୟାୟ ବୋଲି ସେମାନେ କହିଛନ୍ତି । ଦିବା ରାତ୍ର ପରିଶ୍ରମ କରି ସେବା ଯୋଗାଇ ଆସୁଥିବା ବେଳେ କରୋନା ଭଳି ମହାମାରୀ ଓ ପ୍ରାକୃତିକ ଦୁର୍ବିପାକ ବେଳେ ଡ୍ରାଇଭର ମାନେ ହିଁ ସେବା ଯୋଗାଇ ଆସିଛନ୍ତି । ସେମାନଙ୍କ ପ୍ରତି ଏପରି ଏକ ଆଇନ୍‌କୁ ପ୍ରତିବା କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କୃଷକ ସଂର୍ଘସ ସମନ୍ୱୟ ସମିତିର ସଭାପତି ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ସିଆଇଟିୟୁର ବ୍ଲକ ସଭାପତି ଦିପ୍ତିମାନ ଆଚାର୍ଯ୍ୟ, ସଂପାଦକ ପଲ୍ଟୁ ଦାସ, ଚନ୍ଦନ କାମିଲା, କେ ଅବଦୁଲ ସାଦିକ, ସେକ ସୀତାରୁଦ୍ଦିନ, ଖଗେନ୍ଦ୍ର ମହୁରୀ, ସୁରେନ୍ଦ୍ର ଦେ, ଅଜିତ୍ ପରିଡା, ମୁକ୍ତି ସାହେବ, ଦିଲ୍ଲିପ ପରିଡା, ଗଣେଶ ପାତ୍ର, ମଦନ ମହାଲି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଖୋର୍ଦ୍ଧା ବ୍ଲକରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା, ୦୧/୭ (ନି.ପ୍ର): ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୮୯ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୭୬ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୦୮ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା । ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୩ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏକ ଜଣଙ୍କୁ ୧୦,୦୦୦/-ଟଙ୍କା ରେଡକ୍ରସ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା ବେଳେ ଏକ ଜଣଙ୍କୁ ୧୫,୦୦୦/- ଟଙ୍କା ସି. ଏମ. ଆର. ଏଫ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି । ଆଜିର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧକ୍ଷତା କରିଥିବାବେଳେ / ଆରକ୍ଷୀ ଅଧିକ୍ଷକ, ଅବିନାଶ କୁମାର / ଅତିରିକ୍ତ ଜିଲ୍ଲାପାଳ( ପ୍ରଶାସନ )ପ୍ରତାପ ଚନ୍ଦ୍ର ବେଉରା / ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନ /ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଦଲ କୁମାର ମହାନ୍ତି /ଉପ-ଜିଲ୍ଲାପାଳ, ଖୋର୍ଦ୍ଧା ଦୀପ୍ତି ରଞ୍ଜନସେଠୀ /ସି ଡ଼ି ଏମ୍ ଓ , ଡଃ ରାଜଲକ୍ଷ୍ମୀ ପଟ୍ଟନାୟକ / ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ / ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର ବିଡିଓ , ଓ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଶାନ୍ତିକାନନରେ ହାସ୍ୟରସ ସଂପର୍କିତ ଆଲୋଚନାଚକ୍ର




ବାଲେଶ୍ୱର, ୦୧/୭ (ନି.ପ୍ର): ହସ ହେଉଛି ମାନବ ଜୀବନ ପାଇଁ ଅମୂଲ୍ୟ ସମ୍ପଦ । ମନଖୋଲା ହସ ଟିକେ ହସିପାରିଲେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ମଣିଷ ସୁସ୍ଥତା ଅନୁଭବ କରେ । ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହିତ ହୃଦପିଣ୍ଡ ସୁସ୍ଥ ରୁହେ । ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ହସି ପାରୁଥିବା ବ୍ୟକ୍ତିଟିକୁ ଜୀବନରେ ସୁଖର ସନ୍ଧାନ ମିଳିପାରିବ ବୋଲି ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ 'ହାସ୍ୟରସ, ହାସ୍ୟବିଜ୍ଞାନ, ହସକଥା ଓ ସୁଖର ସନ୍ଧାନ' ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି । ଓଡ଼ିଶାର ସୁନାମଧନ୍ୟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ବିଶିଷ୍ଟ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ଯଶସ୍ୱୀ ସ୍ତମ୍ଭକାର ଡ. ସୁବାସ ଚନ୍ଦ୍ର ପାତ୍ର ଏହି ଆଲୋଚନାଚକ୍ରରେ ବକ୍ତା ଭାବେ ଯୋଗ ଦେଇ ହସ୍ୟରସ ସଂପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ । ଏହି ଅବସରରେ ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ ଓ ପ୍ରଭାକର ସାହୁ ସ୍ୱରଚିତ ବ୍ୟଙ୍ଗକବିତା ପାଠ କରିଥିଲେ । ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌କଥନ ରଖିଥିବାବେଳେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆବାହନ କରିଥିଲେ । ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo